ଧରିତ୍ରୀ
DHARITRI
March 24-30 , 2019 ₹ 2/-

# ଛୁଟି ଦିନ

ପ୍ରଚ୍ଛଦ ପ୍ରସଙ୍ଗ



## ଚିଟିଂ ଏକ୍‌ଜାମ୍‌ ନୋ ପାପା

୪



ସମୟ ସହିତ ବଦଳିଯାଇଛି ଶିକ୍ଷାର ଉଦ୍ଦେଶ୍ୟ। ସହଜ ସଫଳତା ପାଇଁ କିଛି ଛାତ୍ର ଏକ୍‌ଜାମ୍‌ ଚିଟିଂର ସାହାରା ନେଉଛନ୍ତି ଯାହା କେବଳ ବିଦ୍ୟାର୍ଥୀଙ୍କୁ ନୁହେଁ; ଶିକ୍ଷିତ ସମାଜକୁ ବି ଏକ ଭୟଙ୍କର ଦିଗ ଆଡ଼କୁ ଟାଣିନେଉଛି... ...



୧୩

ସହରଠୁ ଦୂର

୮/୯

ସିନେମା



# ମାନସିକ ଚାପ ଦୂରେଇବା ଲାଗି



ଅବସାଦ ବା ମାନସିକ ଚାପ ହେତୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ନିତିଦିନ ଜୀବନରେ ମାନସିକ ଚାପଠାରୁ ଦୂରେଇ ରହିବା ନିତାନ୍ତ ଆବଶ୍ୟକ। ତେବେ କିଭଳି ଭାବରେ ଏହି ସମସ୍ୟାଠାରୁ ନିଜକୁ ଦୂରେଇ ରଖିପାରିବେ ସେ ସମ୍ପର୍କରେ.......

* ପ୍ରତିଦିନ ଯୋଗାଭ୍ୟାସ ସହ ମେଡିଟେଶନ୍ କରିବା ଦ୍ୱାରା ବହୁମାତ୍ରାରେ ଏହି ସମସ୍ୟାକୁ ଦୂରେଇ ଦିଆଯାଇପାରିବ।
* ସନ୍ତୁଳିତ ଖାଦ୍ୟପେୟ ମଧ୍ୟ ମାନସିକ ଚାପ ଦୂର କରିବାରେ ସାହାଯ୍ୟ କରିଥାଏ।
* ଘରେ ସୁଗନ୍ଧିତ କ୍ୟାଣ୍ଡେଲ ବା ଧୂପକାଠି ଜଳେଇବା ମଧ୍ୟ ଲାଭ ଦାୟକ ହୋଇଥାଏ।
* ଧୂମ୍ରପାନ ଏବଂ ନିଶା ସେବନଠାରୁ ଦୂରେଇ ରୁହନ୍ତୁ।
* ଉଚିତ ପରିମାଣର ନିଦ ବି ଜରୁରୀ।
* ମାନସିକ ଚାପ ଅନୁଭବ କରୁଥିଲେ ମନକୁ ଅନ୍ୟଆଡେ ଡାଇଭର୍ଟ କରନ୍ତୁ। ଏହି ସମୟରେ ଆପଣଙ୍କୁ ଭଲ ଲାଗୁଥିବା କାର୍ଯ୍ୟ ଯଥା ଗୀତ ଶୁଣିବା, ଶପିଙ୍ଗ କରିବା, ବହି ପଢିବା ଆଦି କରିବା ଦ୍ୱାରା ମାନସିକ ଚାପ କେତେକାଂଶରେ ଦୂରେଇ ଯାଇଥାଏ।
* ବନ୍ଧୁ ପରିଜନଙ୍କ ସହ ସମୟ ଅତିବାହିତ କରନ୍ତୁ।
* ଘରେ ଥିବା ପୋଷା ଜୀବଙ୍କ ସହ ସମୟ ଅତିବାହିତ କରିବା ଦ୍ୱାରା ମଧ୍ୟ ମାନସିକ ଅବସାଦକୁ ଦୂରେଇ ଦିଆଯାଇପାରିବ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨୪-୩୦

**ମେଷ**
ସ୍ୱାସ୍ଥ୍ୟ ଭଲ ରହିବ। ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ଲାଭ। କର୍ମକ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି। ସଭାସମିତିରେ ସଫଳତା । ପରିବାରରେ ସ୍ତ୍ରୀଙ୍କ ସୁପରାମର୍ଶ । ଶେଷ ଦୁଇଦିନ ମାନସିକ ଦୁଶ୍ଚିନ୍ତା। ସାଙ୍ଗଠନିକ ସଫଳତା। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିବ।

**ବୃଷ**
ଅର୍ଥ ସଂକଟରୁ ଦୁଶ୍ଚିନ୍ତା। ସହକର୍ମୀଙ୍କ ଅସହଯୋଗ। କ୍ରନିକ୍ ରୋଗରେ ପୀଡା ବୃଦ୍ଧି। ପାରିବାରିକ ସୌଖ୍ୟଲାଭ। କଳହରୁ ଦୂରେଇ ରହନ୍ତୁ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ। ଭ୍ରମଣ ସୁଯୋଗ ପାଇବେ।

**ମିଥୁନ**
ଆତ୍ମୀୟଙ୍କ ସୌଜନ୍ୟତା। ବକେୟା ଅର୍ଥ ପ୍ରାପ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନିରୁ ବ୍ୟସ୍ତତା। ସତ୍‌ସଙ୍ଗ ରୁ ସୁଯୋଗ ପାଇବେ। ସ୍ଥଗିତ କାମ ସମ୍ପନ୍ନ ହେବ। ନୂତନ ବନ୍ଧୁ ପ୍ରସ୍ତାବ ଆସିପାରେ।

**କର୍କଟ**
ଆରୋଗ୍ୟଲାଭ। ଅର୍ଥନୈତିକ ଅଭିବୃଦ୍ଧି। ଆନୁଷଙ୍ଗିକ ସହଯୋଗ ପାଇବେ। ସ୍ୱାର୍ଥବାଦୀ ବନ୍ଧୁଙ୍କ ମତାନ୍ତର। ରଚନାତ୍ମକ କାମରୁ ପ୍ରଶଂସା । ଧର୍ମଚର୍ଚ୍ଚା କରିପାରନ୍ତି। ଯାତ୍ରାରେ ସଫଳତା।

**ସିଂହ**
କର୍ମକ୍ଷେତ୍ରରେ ବିବାଦ। ସହକର୍ମୀଙ୍କ ସହ ତିକ୍ତତା । ପ୍ରତୀକ୍ଷିତ ଖବରଟି ପାଇବେ। ବ୍ୟବସାୟରେ ଉନ୍ନତି। ସମ୍ପର୍କୀୟ ବନ୍ଧୁଙ୍କୁ ସାହାଯ୍ୟ। ଘରକୁ ଅତିଥି ଆସିବେ। ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି। ବନ୍ଧୁ ଅସୁବିଧାରେ ପକାଇ ପାରନ୍ତି ।

**କନ୍ୟା**
ମନ ଭଲ ରହିବନି। ବନ୍ଧୁ ଭୁଲ୍ ବୁଝିବେ। କାର୍ଯ୍ୟ ସ୍ଥଗିତ ରହିଯିବ। ଆଲୋଚନା କରିବେ। ଋଣମୁକ୍ତ ହୋଇପାରନ୍ତି। ରପ୍ତାନି କାରବାର ବଢିବ। ତୀର୍ଥାଟନର ପ୍ରସ୍ତୁତି। ବିବାଦୀୟ ପରିସ୍ଥିତିର ମୁକାବିଲା । ପରିବହନରେ ଝଗଡା।

**ତୁଳା**
ବନ୍ଧୁଙ୍କ ବିରୁଦ୍ଧାଚରଣ। ପୁରାତନ ରୋଗରେ ପୀଡା। ଧର୍ମକାର୍ଯ୍ୟ ପାଇଁ ପ୍ରେରଣା। ପ୍ରଶାସନିକ ସଫଳତା। ରାଜନୈତିକ ସଫଳତା। ସଭାସମିତିକୁ ନିମନ୍ତ୍ରଣ। ନୂତନ ମିତ୍ରତା ଯୋଡିବେ। ବ୍ୟବସାୟରେ ଉନ୍ନତି।

**ବିଛା**
ଯୋଜନା ବଦଳିବ। ନୂତନ ଯାନବାହନ ଲାଭ। ବିଦେଶଯାତ୍ରାର ସୁଯୋଗ। ଚାକିରି ଅଫର ପାଇବେ। ପାରିବାରିକ ପ୍ରତିରୋଧ। ସ୍ନାୟବିକ ଦୁର୍ବଳତା। ଅର୍ଥ ସମ୍ପଦ ଲାଭ। କଳା, ସଙ୍ଗୀତରୁ ସୁନାମ। ଶୁଭଖବର ପାଇବେ। ଲୋକ ସମ୍ପର୍କ ବଢ଼ିବ।

**ଧନୁ**
କାମରେ ପ୍ରତିବନ୍ଧକ। ବନ୍ଧୁଙ୍କ ବିଶ୍ୱାସଘାତକତା। ଅର୍ଥାଭାବରୁ କାର୍ଯ୍ୟହାନି। ମହାଜନୀ ଚାପ ବଢିବ। ନିର୍ମାଣାଧୀନ କାର୍ଯ୍ୟରେ ସଫଳତା। ପରିବହନରେ ସମସ୍ୟା ସମାଧାନର ବାଟ ପାଇବେ।

**ମକର**
ଅର୍ଥ ସମ୍ପର୍କରୁ ଅନର୍ଥ ସୃଷ୍ଟି। ଠକାମିରେ ପଡିପାରନ୍ତି। ପରୋପକାରରୁ ପ୍ରଶଂସା। ଅର୍ଥ ସାହାଯ୍ୟ ପାଇବେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା। ଦ୍ରବ୍ୟକ୍ରୟ। କୈଫିୟତ୍ ତଲବର ଆଶଙ୍କା। ସାହିତ୍ୟକୃତିରୁ ପ୍ରଶଂସା।

**କୁମ୍ଭ**
ଆଶା ପୂରଣ ହେବ। ନୂଆ ବନ୍ଧୁ ଜୁଟିବେ। ଜନମଙ୍ଗଳ କାର୍ଯ୍ୟରୁ ପ୍ରଶଂସା।। ଆଇନ ସହାୟତା ପ୍ରାପ୍ତି। ଯାତ୍ରା, ବାଣିଜ୍ୟରେ ଉନ୍ନତି। ସମସ୍ୟା ସମାଧାନ ହେବ। ଧର୍ମକାର୍ଯ୍ୟ କରିବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି। ପଦବୀର ପରିବର୍ତ୍ତନ ହୋଇପାରେ। ସାମାଜିକ ସମ୍ମାନ ମିଳିବ।

**ମୀନ**
ଯାତ୍ରା ସ୍ଥଗିତ ରହିବ। ଅର୍ଥପ୍ରାପ୍ତିରେ ବାଧା। ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ। ଆତ୍ମୀୟମାନଙ୍କ ବଦାନ୍ୟତା। ଶିଳ୍ପ, ବାଣିଜ୍ୟରେ ଉନ୍ନତି। ଆମୋଦ ପ୍ରମୋଦର ମଉକା। ଆନୁଷ୍ଠାନିକ କାମରେ ସହଯୋଗ ପ୍ରାପ୍ତି। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି। ବିରୁଦ୍ଧ କାମରୁ ଅନୁତାପ । ସମ୍ପର୍କ ଯୋଡିପାରନ୍ତି।

# ବାସ୍କେଟ ଆକୃତିର ଅଫିସ୍

ପୃଥିବୀରେ ରହିଛି ଏପରି ଅନେକ ସ୍ଥାପତ୍ୟ ଯାହାର ନିର୍ମାଣଶୈଳୀ ଦେଖିବାକୁ ଖୁବ୍ ଅଜବ। ଆକାର, ଆକୃତିରେ ଭିନ୍ନତା ହେତୁ ଏହି ସ୍ଥାପତ୍ୟଗୁଡିକ ସ୍ୱତନ୍ତ୍ରତା ବଜାୟ ରଖେ। ସେହିଭଳି ଏକ ବିଲ୍ଡିଂ ରହିଛି ନ୍ୟୁୟର୍କ ସହରରେ। ଯାହାର ଆକୃତି ରହିଛି ବାଉଁଶର ବାସ୍କେଟ ଭଳି। ଲୋଙ୍ଗାବର୍ଗର କମ୍ପାନୀର ହେଡ୍‌କ୍ୱାର୍ଟର ଥିବା ଏହି ବିଲ୍ଡିଂଟି ଏଭଳି ଭାବେ ନିର୍ମାଣ କରାଯାଇଛି ଯାହା ଅବିକଳ ଏକ ବାଉଁଶ ବାସ୍କେଟ ଭଳି ଦେଖାଯାଏ। ଯେହେତୁ ଏହି



କମ୍ପାନୀ କାଠରେ ନିର୍ମିତ ବାସ୍କେଟ ତଥା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିଲା ସେହି କାରଣରୁ ଏହି ବିଲ୍ଡିଂର ନିର୍ମାଣ ଶୈଳୀ ଏଭଳି କରାଯାଇଥିଲା। ସାତମହଲା ବିଶିଷ୍ଟ ଏହି ବିଲ୍ଡିଂଟି ୧୯୯୭ ମସିହାରେ ପ୍ରତିଷ୍ଠା କରାଯାଇଥିଲା।

# ପାଠକୀୟ

❖ଯେତେବେଳେ ଦେଶ ମାଟିର ସୁରକ୍ଷାର କଥା ଆସେ ବୀର ଯବାନମାନେ ନିଜ ଜୀବନ ବଦଳରେ କେମିତି ଦେଶକୁ ଶତ୍ରୁଠାରୁ ସୁରକ୍ଷିତ ରଖିପାରିବେ, ସେଇ ଗୋଟିଏ କଥା ହିଁ ଭାବିଥାନ୍ତି, କେମିତି ଶତ୍ରୁକୁ ନିପାତ କରି ଦେଶ ପାଇଁ ଆଣିବେ ବିଜୟର ଟିକା। ତେଣୁ ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ସେମିତି କେତେଜଣ ବୀର ଯବାନଙ୍କ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନେ କି ଦେଶର ଶତ୍ରୁମାନଙ୍କ ସହ ଲଢିବାର ସୁଯୋଗ ପାଇଛନ୍ତି। 'ସର୍ବବୃହତ୍ ଡଲ୍ କଣ୍ଢା' ଏବଂ 'ସ୍ୱପ୍ନ ଦେଖିବା ପରେ' ଆଦି ପାଠଦୁଇଟିରୁ ଅନେକ ଅଜଣା କଥା ଜାଣିହେଲା।

*–ଅବିନାଶ ମହାନ୍ତି, ଝାରସୁଗୁଡ଼ା*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରୁ କେତେଜଣ ବୀର ଯବାନଙ୍କ ସମ୍ପର୍କରେ ପଢିଲି, ବେଶ୍ ହୃଦୟସ୍ପର୍ଶୀ ଥିଲା ସେମାନଙ୍କର ସେହି ପୁରୁଣା ଦିନର ଅନୁଭୂତି। ସେହିପରି 'ଦାମୀ ଫୁଲ' ପାଠରୁ ଅନେକ ନାମୀଦାମୀ ଫୁଲ ସମ୍ପର୍କରେ ଜାଣିହେଲା। ଅନ୍ୟପକ୍ଷେ 'ସେଲିବ୍ରିଟିଙ୍କ ପରଫ୍ୟୁମ୍' ପାଠରୁ ବଲିଉଡ୍ ଡିଭାମାନଙ୍କର ପ୍ରିୟ ପରଫ୍ୟୁମ୍ ସମ୍ପର୍କରେ ଜାଣି ଖୁସି ଲାଗିଲା।

*–ଲିଜାରାଣୀ ପଣ୍ଡା, ପେଣ୍ଠକଣ୍ଟା, ପୁରୀ*

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶିଶିର କୁମାର ସାହୁଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସମ୍ପର୍କରେ ଅନେକ କିଛି ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ବୋକାଲୋକ' ନାମକ ଗପଟି ମୋ ମନ କିଣିନେଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରୁ ସେଲିବ୍ରିଟିମାନଙ୍କର ଜୀବନ କାହାଣୀ ସମ୍ପର୍କରେ ଅନେକ ରୋଚକ କଥା ପଢିବାକୁ ମିଳୁଥିବାରୁ ମୋତେ ବହୁତ ଭଲଲାଗେ।

*–ଭବାନୀ ଦାସ, ନିଆଳି, କଟକ*

❖ସାଥୀ ପୃଷ୍ଠାଟି ମୋତେ ବହୁତ ଭଲ ଲାଗେ। କାରଣ ଏଥିରୁ ପ୍ରେମ ସମ୍ପର୍କିତ ଅନେକ କଥା ଜାଣିବାକୁ ମିଳିଥାଏ। ହାଃ ହାଃ ବି ପଢିବାକୁ ବେଶ୍ ମଜାଳିଆ ଲାଗେ। ଅନ୍ୟପକ୍ଷେ ବାଲପକ୍ରମ ଜାତୀୟ ଉଦ୍ୟାନରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଝଡିଗଲା କୁକୁରର କାନ' ପାଠଟି ପଢିଲି, ଭାରି ଦୁଃଖ ଲାଗିଲା ତା'ର କାହାଣୀ।

*–ବିରଞ୍ଚି ବରାଳ, ମୟୂରଭଞ୍ଜ*

❖ଯାତ୍ରା ପୃଷ୍ଠାରେ ସ୍ଥାନିତ ବିରଞ୍ଚି ନାରାୟଣ ଦାଶଙ୍କ ଜୀବନ କାହାଣୀ ବେଶ୍ ପ୍ରେରଣାଦାୟୀ ଥିଲା। ସେହିପରି ବ୍ୟାକ୍‌ପେଜ୍‌ରେ ଉଲ୍ଲେଖିତ 'ଷଣ୍ଢ ଭାବୁଛି ନିଜକୁ ଘୋଡା' ଏବଂ 'ଗଛରେ ଲାଇବ୍ରେରି' ଆଦି ପାଠଦୁଇଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ଅମୀୟ ପ୍ରଧାନ, ଖଣ୍ଡଗିରି, ଭୁବନେଶ୍ୱର*

## ବିଶେଷ ଚିଠି



ସାତ ରଙ୍ଗ ନେଇ ସାତ ଦିନ ପରେ
ସତେ ତମେ ଯେବେ ଆସ,
ସାନ ହେଉ ଅବା ହଉ ସିଏ ବଡ଼
ମୁଖେ ଭରିଯାଏ ହସ।
କାହାଣୀ କବିତା କେତେ ମନଛୁଆଁ
ଯାତ୍ରା ସିନେମାର କଥା,
ସୃଜନ, ବ୍ୟକ୍ତିତ୍ୱ ସାହିତ୍ୟକୁ ନେଇ
ବାଣ୍ଟି ଚାଲୁଥାଏ ବାର୍ତ୍ତା।

*–ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଜୁଟ୍ ଫୁଟ୍‌ୱେର୍





**ଜୁଟ୍‌ର ଫୁଟ୍‌ୱେର୍ ପାଦରେ ପିନ୍ଧିଲେ ବେଶ୍ ଆରାମଦାୟକ ଲାଗେ। କାରଣ ଏହା ପର୍ଯ୍ୟାବରଣ ଅନୁକୂଳ ହେବା ସଙ୍ଗେସଙ୍ଗେ ଶତ ପ୍ରତିଶତ ପ୍ରାକୃତିକ ଉପାୟରେ ତିଆରି ହୋଇଥାଏ। ଅନ୍ୟଦିନ ତୁଳନାରେ ଖରାଦିନେ ଏହି ଫୁଟ୍‌ୱେର୍ ଭଲ ଲାଷ୍ଟିଂ କରିଥାଏ...**

ଜୁଟ୍ ଫ୍ୟାଶନର ଡିମାଣ୍ଡ ମାର୍କେଟ୍‌ରେ ଖୁବ୍ ରହିଛି। ଏଥିରେ ତିଆରି ଶାଢ଼ି ତଥା ବିଭିନ୍ନ ଘରୋଇ ଉପକରଣ ତ ଅନେକ ଦେଖିଥିବେ। ଏବେ ଏହାର ଫୁଟ୍‌ୱେର୍ ବି ଆସିଲାଣି, ଯାହା କମ୍ଫଟେବଲ ହେବା ସଙ୍ଗେସଙ୍ଗେ ସ୍ମାର୍ଟ ଲୁକ୍ ବି ଦେଇପାରୁଛି। ତେବେ ଏହି ଫୁଟ୍‌ୱେର୍‌ର କ'ଣ ସବୁ ଭେରାଇଟି ରହିଛି ଏବଂ ଏହା କେଉଁ ଆଉଟ୍‌ଫିଟ୍ ସହ ଭଲ ମାନେ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**ଜୁଟ୍ ଫୁଟ୍‌ୱେର୍‌ର ଭେରାଇଟି**

ଉଭୟ ମହିଳା, ପୁରୁଷ ତଥା ପିଲାମାନଙ୍କ ପାଇଁ ବି ମାର୍କେଟ୍‌ରେ ଏବେ ଏହି ଫୁଟ୍‌ୱେର୍‌ର ଅନେକ ଭେରାଇଟି ଉପଲବ୍ଧ ହେଲାଣି। ଯେମିତିକି ସୁ,ମୋଜାରି , ସ୍ଲିପର୍, ଜୁତି, ସ୍ନିକର୍ସ, ସ୍ୟାଣ୍ଡେଲ, ଏସ୍ପାଡ୍ରିଲ୍ ଇତ୍ୟାଦି ଅନ୍ୟତମ।

**ଫ୍ୟାବ୍ରିକ୍ ସହ ଟିମ୍‌ଅପ୍**

ଜୁଟ୍‌ର ଫୁଟ୍‌ୱେର୍‌କୁ କଟନ୍, ଖଦି କିମ୍ବା ସିଫନ୍ ଫ୍ୟାବ୍ରିକ୍‌ର ଯେକୌଣସି ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧିପାରିବେ। କିନ୍ତୁ ଲେଦର ଆଉଟ୍‌ଫିଟ୍ ସହ ଏହି ଫୁଟ୍‌ୱେର୍ ସେତେ ଭଲ ମାନି ନ ଥାଏ। ତେଣୁ ଲେଦର ପରିବର୍ତ୍ତେ ଆପଣ ଚାହିଁଲେ ଡେନିମ୍‌ର ଜିନ୍ସ୍, ସ୍କର୍ଟ, ସର୍ଟ ପ୍ୟାଣ୍ଟ ଇତ୍ୟାଦି ସହ ଜୁଟ୍ ଫୁଟ୍‌ୱେର୍‌କୁ ପିନ୍ଧି ସ୍ମାର୍ଟ ଲୁକ୍ ପାଇପାରିବେ।


**କେମିତି ନେବେ ଯତ୍ନ**

କୁହାଯାଏ, ଅନ୍ୟଦିନ ତୁଳନାରେ ଖରାଦିନେ ଏହି ଫୁଟ୍‌ୱେର୍‌କୁ ପିନ୍ଧିଲେ କମ୍ଫଟେବଲ ଲାଗିବା ସହ ଫୁଟ୍‌ୱେର୍‌ଟି ଭଲ ଲାଷ୍ଟିଂ କରିଥାଏ। ତା'ଛଡ଼ା ଏହି ଫୁଟ୍‌ୱେର୍‌କୁ ଟିକେ ଯତ୍ନର ସହ ସଫା କରିବାକୁ ହୋଇଥାଏ। ଏହାକୁ ସଫା କଲାବେଳେ ସର୍ବଦା କଟନ୍ କପଡ଼ା ବ୍ୟବହାର କରିବା ଦରକାର। ଯଦି ଫୁଟ୍‌ୱେର୍‌ଟି ବେଶି ମଇଳା ହୋଇ ନ ଥାଏ, ତା'ହେଲେ ହାଲ୍‌କା ଖରାରେ କିଛି ସମୟ ଏହାକୁ ରଖିଲା ପରେ କଟନ୍ କପଡ଼ାରେ ସାମାନ୍ୟ ପୋଛି ଏହାକୁ ପୁଣିଥରେ ବ୍ୟବହାର କରିପାରିବେ। କିନ୍ତୁ ଯଦି ଜୁଟ୍ ଫୁଟ୍‌ୱେରରେ ମଇଳା ଦାଗ ଲାଗି ଯାଇଥାଏ, ତା'ହେଲେ କଟନ୍ କପଡ଼ାକୁ ହାଲ୍‌କା ସର୍ଫ ପାଣିରେ ସାମାନ୍ୟ ଓଦାକରି ଏବଂ ଭଲ ଭାବେ ଚିପୁଡ଼ି ଫୁଟ୍‌ୱେର୍‌କୁ ଧୀରେ ଧୀରେ ପୋଛିଦେବେ। ଏହାପରେ ଅଳ୍ପ ସମୟ ପାଇଁ ହାଲ୍‌କା ଖରାରେ ଶୁଖାଇଦେବେ। କଦାପି ଟାଣଖରାରେ ଏହି ଫୁଟ୍‌ୱେର୍‌କୁ ବେଶି ସମୟ ଶୁଖାଇବେ ନାହିଁ। କାରଣ ଏପରି କଲେ ଜୁଟ୍ ଫୁଟ୍‌ୱେର୍‌ର ଗ୍ଲେଜ୍ ଶୀଘ୍ର କମିଯିବା ସମ୍ଭାବନା ଥାଏ।









# ଚିଟିଂ ଏକ୍ଜାମ୍ ନୋ ପାପା

**ସମୟ ସହିତ ବଦଳିଯାଇଛି ଶିକ୍ଷାର ଉଦ୍ଦେଶ୍ୟ। ସହଜ ସଫଳତା ପାଇଁ କିଛି ଛାତ୍ର ଏକ୍ଜାମ୍ ଚିଟିଂର ସାହାରା ନେଉଛନ୍ତି ଯାହା କେବଳ ବିଦ୍ୟାର୍ଥୀଙ୍କୁ ନୁହେଁ; ଶିକ୍ଷିତ ସମାଜକୁ ବି ଏକ ଭୟଙ୍କର ଦିଗ ଆଡ଼କୁ ଟାଣିନେଉଛି... ...**

ପ୍ରତ୍ୟେକ ବର୍ଷ ପରୀକ୍ଷା ଋତୁ ପାଖେଇ ଆସିଲେ ଦୁଇଟି କଥା ନିଶ୍ଚିତ ଶୁଣିବାକୁ ମିଳେ। ଗୋଟିଏ ହେଉଛି କପି ଏବଂ ଅନ୍ୟଟି ପ୍ରଶ୍ନପତ୍ର ଲିକ୍। ସମ୍ପ୍ରତି ପ୍ରଶ୍ନପତ୍ର ଲିକ୍ ସହିତ ଆଉ ଗୋଟିଏ ଶବ୍ଦ ଯୋଡ଼ିହୋଇ ତାକୁ ବେଶ୍ ସମ୍ବେଦନଶୀଳ କରିପକେଇଛି। ତାହା ହେଉଛି 'ପ୍ରଶ୍ନପତ୍ର ଭାଇରାଲ'। କପି ଆଉ ପ୍ରଶ୍ନପତ୍ର ଭାଇରାଲକୁ ନେଇ ତୁମ୍ବିତୋଫାନ ହୁଏ। ଆଲୋଚନା ପର୍ଯ୍ୟାଲୋଚନା କରାଯାଏ। ବିଚାରବିମର୍ଶ ଚାଲେ। ମାତ୍ର ଯଥା ପୂର୍ବଂ ତଥା ପର ନ୍ୟାୟରେ ପ୍ରତ୍ୟେକ ବର୍ଷ ତାହାର ପୁନରାବୃତ୍ତି ହୋଇ ଚାଲୁଥାଏ। ସମ୍ପ୍ରତି କପି ତଥା ପ୍ରଶ୍ନପତ୍ର ଭାଇରାଲ୍କୁ 'ଏକ୍ଜାମ୍ ଚିଟିଂ' ବୋଲି ମଧ୍ୟ କୁହାଯାଉଛି। ପରୀକ୍ଷାରେ କପି କରିବା ବା 'ଏକ୍ଜାମ୍ ଚିଟିଂ' ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି କହିଲେ ଆଦୌ ଭୁଲ୍ ହେବନାହିଁ। ବାଙ୍ଗାଲୋର ସ୍ଥିତ ଅଜିମ୍ ପ୍ରେମ୍ଜୀ ୟୁନିଭର୍ସିଟିର ଗବେଷକ ଅମନ ମଦନ ଏକଦା କହିଥିଲେ: 'ଶିକ୍ଷା ବ୍ୟବସ୍ଥାରେ କପି ବା ଚିଟିଂ ମହାମାରୀ ଭଳି ବ୍ୟାପୁଛି। ଦିନ ଆସିବ ଏହା ଏକ ସାମାଜିକ ବ୍ୟାଧିରେ ପରିଣତ ହେବାକୁ ବେଶି ସମୟ ଲାଗିବ ନାହିଁ।' ଯଦି ଚଳିତବର୍ଷ ତଥା ବିଗତ କିଛି ବର୍ଷର ଏକ୍ଜାମ୍ ଚିଟିଂର ହାରକୁ ପର୍ଯ୍ୟାଲୋଚନା କରାଯାଏ, ତା'ହେଲେ ଅମନ ମଦନଙ୍କ ଭବିଷ୍ୟବାଣୀ ଯେ ଆଜି କେତେକାଂଶରେ ସତ୍ୟ ହୋଇଛି ସେକଥା ଆମକୁ ସ୍ୱୀକାର କରିବାକୁ ହେବ। କାରଣ ସମ୍ପ୍ରତି କପି କରିବା ପାଇଁ ନା ଶିକ୍ଷାର୍ଥୀମାନେ କୁଣ୍ଠାବୋଧ କରୁଛନ୍ତି ନା ଅଭିଭାବକ ସେମାନଙ୍କ ନୈତିକତାର ଦ୍ୱାହିରେ ପିଲାମାନଙ୍କୁ ସେହି କାର୍ଯ୍ୟରୁ ନିବୃତ୍ତ କରୁଛନ୍ତି। ଅବଶ୍ୟ ସବୁ ଶିକ୍ଷାର୍ଥୀ ଯେ କପିକ୍ୟାଟ୍ ସେକଥା କୁହାଯାଇପାରିବ ନାହିଁ। ମାତ୍ର ଯେଉଁ ଗୋଟିଏ ଅଂଶ କପି ବା ଏକ୍ଜାମ୍ ଚିଟିଂକୁ ସଫଳତାର ସହଜ ମାଧ୍ୟମ ଭାବେ ଗ୍ରହଣ କରୁଛନ୍ତି ତାହାକୁ ସମାଜ ପାଇଁ ଶୁଭଙ୍କର ବୋଲି କୁହାଯାଇ ପାରିବ ନାହିଁ।

ଏଠାରେ ଏକ୍ଜାମ୍ ଚିଟିଂର କେତୋଟି ଚର୍ଚ୍ଚିତ ଦୃଷ୍ଟାନ୍ତ ଦିଆଯାଇପାରେ :

**ଘଟଣା–ଏକ:** ୨୦୧୫ରେ ଅଚାନକ ଗୋଟିଏ ଫଟୋ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ୍ ହେଇଗଲା। କିଛି ଲୋକ ପାଚେରି ଡେଇଁ ଗୋଟିଏ ସ୍କୁଲ ଭିତରକୁ ପଶୁଥିଲେ। କେତେକ କାନ୍ଥ ଉପରେ ଚଢ଼ିଥିଲେ। ସେହିସବୁ ଲୋକଙ୍କର ଥିଲା ଗୋଟିଏ ଉଦ୍ଦେଶ୍ୟ: ଯଥା– ଶ୍ରେଣୀଗୃହ ନିକଟରେ ପହଞ୍ଚିବା ଏବଂ ପରୀକ୍ଷାର୍ଥୀମାନଙ୍କୁ କପି ଯୋଗାଇଦେବା। ଘଟଣାଟି ଘଟିଥିଲା ଭାରତୀୟ ପୂର୍ବାଞ୍ଚଳ ରାଜ୍ୟ ବିହାରରେ। ସେତେବେଳେ ଚାଲିଥିଲା ଟେନ୍ଥ(୧୦ମ) ଷ୍ଟାଣ୍ଡାର୍ଡ ପବ୍ଲିକ୍ ବୋର୍ଡ ଏକ୍ଜାମିନେଶନ। ସ୍କୁଲର ପାଚେରି, କାନ୍ଥ ଚଢ଼ି ଭିତରକୁ ପଶୁଥିବା ଲୋକମାନେ କୌଣସି ଅଜଣା ମଣିଷ ନ ଥିଲେ। ସେମାନେ ଥିଲେ ପରୀକ୍ଷାର୍ଥୀମାନଙ୍କର ଅତି ଆପଣାର। ପରୀକ୍ଷା ହଲ୍ରେ ବସିଥିବା ପିଲାମାନଙ୍କୁ କପି ଯୋଗେଇଦେବା ଥିଲା ସେମାନଙ୍କର ଏକମାତ୍ର ଲକ୍ଷ୍ୟ। ଏହି ଫଟୋଟି ଛାପା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଥିଲା। କହିବା ବାହୁଲ୍ୟ, ବର୍ଷ ବର୍ଷ ଧରି ଜାରି ରହିଥିବା ଭାରତୀୟ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥାର ବିଫଳତା ପ୍ରତି ଏହି ଫଟୋଟି ଥିଲା ଏକ ଚରମ ଚେତାବନୀ।

**ଘଟଣା– ଦୁଇ:** ୨୦୧୬ ମାର୍ଚ୍ଚ ମାସର ଘଟଣା। ଭାରତର ଦକ୍ଷିଣାଞ୍ଚଳ ରାଜ୍ୟ କର୍ନାଟକରେ ଘଟିଥିବା ଏକ ଘଟଣା କିଛି କମ୍ ଚାଞ୍ଚଲ୍ୟକର ନ ଥିଲା। ରସାୟନ ବିଜ୍ଞାନର ପ୍ରାକ୍–ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ବା କେମିଷ୍ଟ୍ରି ପ୍ରି–ୟୁନିଭର୍ସିଟି କୋର୍ସ ପାଇଁ ପରୀକ୍ଷାର ଆୟୋଜନ କରାଯାଇଥାଏ। ପିଲାମାନେ ପ୍ରସ୍ତୁତ ଥାଆନ୍ତି ପରୀକ୍ଷାର ସମ୍ମୁଖୀନ ହେବାକୁ। ମାତ୍ର ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଗଲା। ଥରେ ନୁହେଁ; ମାତ୍ର ଦଶଦିନ ମଧ୍ୟରେ ଦୁଇଥର ପ୍ରଶ୍ନପତ୍ର ଲିକ୍। ଫଳ ହେଲା ଏଇଆ ଯେ, ହଜାର ହଜାର ପରୀକ୍ଷାର୍ଥୀଙ୍କୁ ଗୋଟିଏ ବିଷୟରେ ତିନି ତିନିଥର ପରୀକ୍ଷା ଦେବାକୁ ପଡ଼ିଥିଲା। ଏହାକୁ ନେଇ ସେହି ରାଜ୍ୟରେ ତୁମ୍ବିତୋଫାନ ଲାଗିଲା। ହୋହଲ୍ଲା କରାଗଲା। ପ୍ରତିବାଦରେ ରାସ୍ତା ଜାମ୍ ହେଲା। ସରକାର ତଦନ୍ତ ନିର୍ଦ୍ଦେଶ ଦେଲେ। ତଦନ୍ତରେ ଯାହା ଫଳାଫଳ ଆସିଲା ତାହା ଥିଲା ଅତ୍ୟନ୍ତ ଉଦ୍‌ବେଗଜନକ। ତଦନ୍ତକାରୀ ଅଧିକାରୀମାନେ ଯେଉଁମାନଙ୍କୁ ଏଭଳି ପ୍ରଶ୍ନପତ୍ର ବିଭ୍ରାଟ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଥିଲେ ରାଜ୍ୟ ମେଡିକାଲ ଏଡୁକେଶନ ମିନିଷ୍ଟରଙ୍କର ସହାୟକ; ଯିଏ ନିଜ ପୁଅକୁ ଅଧିକ ମାର୍କରେ ଉତ୍ତୀର୍ଣ୍ଣ କରାଇବା ଉଦ୍ଦେଶ୍ୟରେ କ୍ଷମତାର ଦୁରୁପଯୋଗ କରି ପ୍ରଶ୍ନପତ୍ର ହାତେଇଥିଲେ ଏବଂ ପରେ ତାହା ପ୍ରଶ୍ନପତ୍ର ଘୋଟାଲାର ରୂପ ନେଇଥିଲା।

**ଘଟଣା –ତିନି:** ଚଳିତବର୍ଷ ପରୀକ୍ଷା ଋତୁରେ ଓଡ଼ିଶାରେ ଘଟିଛି ଏମିତି ଏକ ଘଟଣା, ଯାହା ଅନେକଙ୍କୁ ହତବାକ୍ କରିଦେଇଛି। ଉଦ୍‌ବେଗର ବିଷୟ ଏଭଳି ଘଟଣା ଘଟେଇଛନ୍ତି ଖୋଦ୍ ପରୀକ୍ଷାର୍ଥୀମାନେ। ଅବଶ୍ୟ କ'ଣ ପାଇଁ ଛାତ୍ରୀଛାତ୍ରମାନେ ଏଭଳି ଏକ ପଦକ୍ଷେପ ନେଇଛନ୍ତି ତଥା ତା' ପଛରେ କ'ଣ କାରଣ ରହିଛି ତାହା ବୃହତ୍ତର ଆଲୋଚନାର ଅପେକ୍ଷା ରଖେ। ତଥାପି ଏ କଥା କୁହାଯାଇପାରିବ ଯେ, ଘଟଣାଟି ଗୋଟିଏ ରାଜ୍ୟ ବା ରାଷ୍ଟ୍ର ବା ଜାତି ପାଇଁ ଆଦୌ ମଙ୍ଗଳଦାୟକ ନୁହେଁ। ଘଟଣାଟି ଘଟିଛି ପଶ୍ଚିମ ଓଡ଼ିଶାରେ। ସ୍ଥାନଟି ହେଉଛି ଅନ୍ୟତମ ପୁରାତନ ମହାବିଦ୍ୟାଳୟ ଦେବଗଡ଼ ମହାବିଦ୍ୟାଳୟ। ୨୦୧୯, ମାର୍ଚ୍ଚ ୧୨ ତାରିଖ ମଙ୍ଗଳବାର। ପଦାର୍ଥ ବିଜ୍ଞାନ (ଫିଜିକ୍ସ)ର ପରୀକ୍ଷା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଥାଏ। ପରୀକ୍ଷା ଘଣ୍ଟା ବାଜିଲା। ୧୨୭ ଜଣ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବଣ୍ଟାଗଲା। ସମସ୍ତେ ପରୀକ୍ଷା ଦେବାରେ ମନୋନିବେଶ କଲେ। ସବୁକିଛି ଠିକ୍ଠାକ୍ ଚାଲିଥିଲା। ମାତ୍ର ପରୀକ୍ଷାର ଏକଘଣ୍ଟା ପରେ ବଦଳିଗଲା ଦୃଶ୍ୟପଟ। ୧୨୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୪ଜଣ ଛାତ୍ର ଏବଂ ୨୪ଜଣ ଛାତ୍ରୀ (ମୋଟ ୬୮ ଜଣ) ହଠାତ୍ ପରୀକ୍ଷା ହଲ ଛାଡ଼ି ଚାଲିଆସିଲେ ବାହାରକୁ। ବାରଣ୍ଡାରେ ଏବଂ ଗଛତଳେ ବସି ଉତ୍ତର ପତ୍ର ଲେଖିବା ଆରମ୍ଭ କରିଦେଲେ। ସେମାନେ ଖୋଲାଖୋଲି ଭାବେ ପରୀକ୍ଷା ହଲ୍ରେ ଲାଗିଥିବା ସିସିଟିଭିକୁ ବିରୋଧ କରୁଥିଲେ। ସେମାନଙ୍କର ଅଭିଯୋଗ ଥିଲା ଏଇଆ ଯେ, ସେମାନଙ୍କ ପାଇଁ କପି କରିବାର କୌଣସି ସୁଯୋଗ ନାହିଁ। ଆଉ ସେମାନଙ୍କ କପି କରିବା ବାଟରେ କଣ୍ଟା ହେଉଛି ସିସିଟିଭି। ପ୍ରକାଶିତ ତଥ୍ୟ ଅନୁଯାୟୀ, କପି ଲାଗି ନିୟମ କୋହଳ କରିବା ଥିଲା ଅଧିକାଂଶ ପରୀକ୍ଷାର୍ଥୀଙ୍କ ଜିଦ୍।







**କପି – ଏକ ବିଶ୍ୱ ସମସ୍ୟା :** ଏକ୍ଜାମ୍ ଚିଟିଂ ବା କପିକୁ କୌଣସି ଏକ ନିର୍ଦ୍ଦିଷ୍ଟ ରାଜ୍ୟ ବା ଦେଶର ସମସ୍ୟା ବୋଲି କୁହାଯାଇ ପାରିବ ନାହିଁ। ଏ ସମସ୍ୟା ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରରେ ଦେଖିବାକୁ ମିଳେ। ଏହା ଏକ ଗମ୍ଭୀର ସମସ୍ୟା ହୋଇଥିବା ବେଳେ ଏହା ପଛରେ ରହିଥିବା କାରଣ ଠାବ କରିବା ମଧ୍ୟ କାଠିକର ପାଠ। ତେବେ ଏ ସଂକ୍ରାନ୍ତରେ କାନାଡ଼ାସ୍ଥିତ ୟୁନିଭର୍ସିଟି ଅଫ୍ ଗୁଲେଫ୍ରେ ଏକ ଅନୁଶୀଳନ କରାଯାଇଥିଲା। ଫଳାଫଳରେ କୁହାଯାଇଥିଲା ଯେ, ଯେଉଁମାନେ ଅଧିକ ଲାଭ ଆଶାୟୀ ବା ହାଇ ଆଚିଭର୍ସ ସେମାନେ ହିଁ ମୁଖ୍ୟତଃ କପି କରିବାକୁ ମନ ବଳାଇଥାନ୍ତି। କାରଣ ସେମାନେ ଅଧିକ ମାର୍କ ରଖିବା କିମ୍ବା କୌଣସି ବଡ଼ ଚାକିରି ପାଇବା ପାଇଁ ଯେକୌଣସି ପନ୍ଥା ଅବଲମ୍ବନ କରିବାକୁ ପଛାନ୍ତି ନାହିଁ। ଅପରପକ୍ଷରେ, ଭଲ ପଢୁ ନଥିବା ପିଲାଙ୍କ ନିକଟରେ ଏଭଳି ପ୍ରବଣତା ଦେଖା ଯାଇଥାଏ। କାରଣ ସେମାନଙ୍କ ଉପରେ ଅଭିଭାବକଙ୍କର ଚାପ ରହିଥାଏ। ଅନୁଶୀଳନକାରୀମାନେ ୧୧ଟିରୁ ଅଧିକ ୟୁନିଭର୍ସିଟିର ୩୬ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଉପରେ ଗବେଷଣା କରିଥିଲେ। ପରୀକ୍ଷା ପରିଚାଳନା, ଛାତ୍ରୀଛାତ୍ରଙ୍କ ଆଚରଣବିଧି ତଥା ଫଳାଫଳକୁ ଏଥିରେ ସାମିଲ କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ୭୦ ପ୍ରତିଶତ କ୍ଷେତ୍ରରେ ସେମାନେ 'ଏକ୍ଜାମ୍ ଚିଟିଂ' ଠାବ କରିଥିଲେ।

**କପି କଲେ ସାତବର୍ଷ ଜେଲ:** କଥାଟି ଶୁଣିବାକୁ ଆଶ୍ଚର୍ଯ୍ୟଜନକ ମନେ ହେଉଥାଇପାରେ। ମାତ୍ର ତାହା ହିଁ ସତ। ଏକ୍ଜାମ୍ ଚିଟିଂକୁ ରୋକିବା ପାଇଁ ଚାଇନାରେ ଏଭଳି ଏକ କଠୋର ନିୟମ ପ୍ରଣୟନ କରାଯାଇଛି, ଯେଉଁମାନଙ୍କୁ କପି କରୁଥିବାର ଠାବ କରାଯିବ ସେମାନଙ୍କୁ ତୁରନ୍ତ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ। ସେଥିପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଥାଏ। →

ଖାଲି ସେତିକି ନୁହେଁ, ପୋଲିସ ଅଧିକାରୀମାନେ ପରୀକ୍ଷା ହଲ୍‌ରେ ରହି ସମସ୍ତ ପରୀକ୍ଷାର୍ଥୀଙ୍କ ଉପରେ ନଜର ରଖନ୍ତି। ସେମାନଙ୍କ ଆଚରଣ ତଥା ହାବଭାବ ଲକ୍ଷ୍ୟ କରନ୍ତି। ସନ୍ଦେହଜନକ ଅବସ୍ଥାରେ ଥିବା ପରୀକ୍ଷାର୍ଥୀଙ୍କୁ ତୁରନ୍ତ ଯାଞ୍ଚ ପରିସରଭୁକ୍ତ କରାଯାଇଥାଏ।

### ''ନୈତିକତା ଓ ସଂସ୍କୃତିଠାରୁ ଦୂରେଇଗଲେ ବିଦ୍ୟାର୍ଥୀ କପି କରେ''

ଛାତ୍ରଟିଏ ପରୀକ୍ଷାରେ କପି କରିବା ପଛରେ ଏକାଧିକ କାରଣ ରହିଛି। ପ୍ରଥମ କଥା ହେଉଛି, ପରୀକ୍ଷା ବ୍ୟବସ୍ଥା ଛାତ୍ରକୁ କପି କରିବା ପାଇଁ ସୁଯୋଗ ଦିଏ । ଆମ ସ୍କୁଲ ଓ କଲେଜରେ ଯେଉଁ ପରୀକ୍ଷା ହେଉଛି, ସେଥିରେ ପାରମ୍ପରିକ ଧାରାରେ ପୁରୁଣା ପ୍ରଶ୍ନ ପଚରା ଯାଉଛି । ତେଣୁ ଛାତ୍ରଟିଏ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସମୟରେ କେବଳ ସେମିତି କେଇଟା ପ୍ରଶ୍ନର ଉତ୍ତର ମୁଖସ୍ଥ କରୁଛି। ଯିଏ ମନେ ରଖିପାରୁନାହିଁ, ସେ ତାକୁ କପି ଭାବରେ ପରୀକ୍ଷା ଗୃହକୁ ନେଉଛି। ଯଦି ପ୍ରଶ୍ନଗୁଡିକ ସିଧାସଳଖ ନ ଆସି ପ୍ରତିବର୍ଷ ତାହାର ନୂଆ ନୂଆ ପ୍ରୟୋଗ ଉପରେ ଆସନ୍ତା, ତେବେ ଛାତ୍ରଟିଏ ଆରମ୍ଭରୁ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ମୁଖସ୍ଥ ନ କରି ସମୁଦାୟ ବହିକୁ ପଢ଼ି ବୁଝିବାକୁ ଉଦ୍ୟମ କରନ୍ତା ଏବଂ କପି କରିବା କଥା ଚିନ୍ତା ବି କରିପାରନ୍ତା ନାହିଁ। ବରଂ ଯାହା ବୁଝିଛି, ତାକୁ ପ୍ରୟୋଗ କରି ପରୀକ୍ଷାରେ ଉତ୍ତର ଲେଖନ୍ତା। ଆଇଆଇଟି, ନାଇଜର ଇତ୍ୟାଦି ପ୍ରବେଶିକା ପରୀକ୍ଷାରେ କପି ନ ହେବାର ଏହା ହେଉଛି ମୁଖ୍ୟ କାରଣ।

ପାଠପଢ଼ାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଛାତ୍ରର ସର୍ବାଙ୍ଗୀନ (ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ) ଉନ୍ନତି। କିନ୍ତୁ ଏବେ ଆମେ ମୂଳ ଲକ୍ଷ୍ୟଠାରୁ ଦୂରରେ ରହିଛୁ। ପ୍ରଥମତଃ, ଆମେ ଶାରୀରିକ ଓ ଆଧ୍ୟାତ୍ମିକ ଦିଗକୁ ଭୁଲିଯାଇ କେବଳ ମାନସିକ ସ୍ତରକୁ ସବଳ କରିବା ଦିଗରେ ଭାବୁଛୁ । ଦ୍ୱିତୀୟରେ, ପରୀକ୍ଷାରେ ମିଳୁଥିବା ନମ୍ବରକୁ ପିଲାର ମାନସିକ ଉନ୍ନତିର ମାପକାଠି ବୋଲି ବିଚାର କରାଯାଉଛି। ସାର୍ଟିଫିକେଟ୍‌ରେ ଅଧିକ ନମ୍ବର ଦେଖି ତାକୁ ବୁଦ୍ଧିଆ ବା ଇଣ୍ଟେଲିଜେଣ୍ଟ ବୋଲି କୁହାଯାଉଛି। ବାପା ମା' ଚାହୁଁଛନ୍ତି, ତାଙ୍କ ପିଲା ପାଠ ବୁଝୁ କି ନ ବୁଝୁ, କିନ୍ତୁ ଶତ ପ୍ରତିଶତ ନମ୍ବର ରଖୁ । ହେଲେ ପାରମ୍ପରିକ ପରୀକ୍ଷା ବ୍ୟବସ୍ଥାରେ ଶତ ପ୍ରତିଶତ ନମ୍ବର ରଖିବା ପାଇଁ ବହିରେ ଲେଖାଯାଇଥିବା ସବୁ କଥାକୁ ଗୋଟିଗୋଟି ମନେ ରଖି ପରୀକ୍ଷା ଖାତାରେ ସେସବୁ ଲେଖିବା ଦରକାର । କିନ୍ତୁ ଯେଉଁ ଛାତ୍ର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତିକୁ ଧ୍ୟାନ ଦିଏନାହିଁ, ବହିର ସବୁକଥାକୁ ବୁଝି ଗୋଟିଗୋଟି ମନେ ରଖିବା ସକାଶେ ତା'ର ମସ୍ତିଷ୍କ ଅସମର୍ଥ । ଅନ୍ୟପକ୍ଷରେ, ପରୀକ୍ଷାରେ ଯଦି ସେ ଅଧିକ ନମ୍ବର ନ ଆଣୁଛି, ତେବେ ପରିବାର ଲୋକଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ । ସେପରି ପରିସ୍ଥିତିରେ କଳେବଳେ କୌଶଳେ ବେଶି ନମ୍ବର ଆଣିବା ପାଇଁ ସେ କପି କରିବା କଥା ଚିନ୍ତା କରେ।

ଆଜିକାଲି କଲେଜରେ ସେମିଷ୍ଟର ବ୍ୟବସ୍ଥାରେ ପିଲାଙ୍କ ଉପରେ ଖୁବ୍ ଅଧିକ ପାଠବୋଝ ପଡୁଛି । ସିଲାବସ୍ ମୁତାବକ ପାଠପଢା ସରୁ ସରୁ ପରୀକ୍ଷା ଆରମ୍ଭ ହୋଇଯାଉଛି। ପିଲାମାନେ ସେସବୁକୁ ଭଲଭାବରେ ବୁଝିବା ଓ ପୁନଃ ନିରୀକ୍ଷଣ (ରିଭିଜନ୍) କରିବାକୁ ସମୟ ପାଉନାହାନ୍ତି । ତେଣୁ ସାର୍ଟିଫିକେଟ୍‌ରେ ନମ୍ବର ଭରିବା ପାଇଁ କିଛି ପିଲା କପିର ସହାୟତା ନେବାକୁ ବାଧ୍ୟ ହେଉଛନ୍ତି । ସବୁଠାରୁ ବଡ଼ କଥା ହେଉଛି, ବିଦ୍ୟାର୍ଥୀ ନୈତିକତା ଓ ସଂସ୍କୃତିଠାରୁ ଦୂରେଇଗଲେ କପି କରେ । 'କପି କରିବା ଓ ଶିକ୍ଷକଙ୍କୁ ଠକିବା ମହାପାପ' ଯେଉଁ ଛାତ୍ର ଏହି କଥାକୁ ସମ୍ମାନ ଦେବା ଜାଣିନାହିଁ, ସେ କପି କରିପାରିବ ।

**– କମଳାକାନ୍ତ ଜେନା**
*(ସହକାରୀ ପ୍ରାଧ୍ୟାପକ, ଭଦ୍ରକ ଅଟୋନୋମସ କଲେଜ)*

### ''ଶିକ୍ଷାର ଲକ୍ଷ୍ୟ ପର୍ସେଣ୍ଟେଜ୍ ନ ହେଉ''

ପରୀକ୍ଷାରେ କପି ମୋ ମତରେ ଏକ ଦୁର୍ବଳ ମାନସିକତା। ଏହି ମାନସିକତା ଜନ୍ମ ନିଏ ଅଭିଭାବକଙ୍କ ପ୍ରଭାବ, ନିଜ ଆତ୍ମଶକ୍ତିର ଅଭାବ ଓ କର୍ତ୍ତବ୍ୟରେ ହେଳା ଯୋଗୁଁ।

ପିଲାଟି ବର୍ଷ ଆରମ୍ଭରୁ ଯଦି ଏକମନ ହୋଇ ବିଦ୍ୟାଭ୍ୟାସ କରିବ, ତା'ହେଲେ 'କପି'ର ଆବଶ୍ୟକତା ନାହିଁ। ବରଂ କପି ତା' ପାଇଁ ସମୟ ନଷ୍ଟର ବସ୍ତୁ। କଣ୍ଠାଗ୍ରତ ବିଦ୍ୟାକୁ ଲେଖିବା ଓ ଦେଖିକି ଲେଖିବା ମଧ୍ୟରେ ବର୍ଷସାରା ପାଠ ପଢ଼ିଥିବା ଛାତ୍ରୀଛାତ୍ର ନିଜ ଭାଷା ଓ ଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦେବେ।

କିଛି ଅଭିଭାବକ ପିଲାଙ୍କ ଉପରେ ନିଜ ମହତ୍ତ୍ୱାକାଂକ୍ଷା ଏତେମାତ୍ରାରେ ଲଦିଦିଅନ୍ତି ଯେ, ପିଲାଟି ପାଠପଢ଼ାକୁ ଏକ ଶାସ୍ତି ବୋଲି ମନେକରେ ଏବଂ ଏଥିରେ ବିତୃଷ୍ଣାଭାବ ଦେଖାଏ। ଆଜିକାଲି ଇଚ୍ଛାଶକ୍ତି ତଥା ଆତ୍ମଶକ୍ତିର ଘୋର ଅଭାବ ପରିଲକ୍ଷିତ ହେଲାଣି। ଛାତ୍ରୀଛାତ୍ରଙ୍କ ପାଖରେ ଲକ୍ଷ୍ୟ ବୋଲି କିଛି ରହୁନି। ସେମାନଙ୍କ ପାଇଁ ବିଦ୍ୟା ଅର୍ଜନର କେବଳ ଏକମାତ୍ର ଉପଯୋଗିତା: ଗୋଟିଏ ଚାକିରି କରିବା। କିଛି ପଇସା ଉପାର୍ଜନ କରିବା। ତେଣୁ ଜ୍ଞାନ ହାସଲର ଲକ୍ଷ୍ୟ ନେଇ ବିଦ୍ୟାର୍ଥୀ ପଠନମୁଖର ହେଉନାହିଁ। ପାଠପଢ଼ାର କେବଳ ଗୋଟିଏ ଲକ୍ଷ୍ୟ ହେଲା 'ମାର୍କ'। ପରୀକ୍ଷାରେ ଭଲ ମାର୍କ ରଖିବା ପାଇଁ କଳେବଳେ କୌଶଳେ ପିଲା ଚେଷ୍ଟା କରୁଛନ୍ତି, ଯାହା ସେମାନଙ୍କ ଜ୍ଞାନ ବର୍ଦ୍ଧନରେ ସହାୟକ ହୋଇପାରୁନାହିଁ।

ତା'ଛଡ଼ା ସ୍କୁଲଗୁଡ଼ିକରେ ପାଠପଢ଼ାର ମାନ ମଧ୍ୟ କମିବାରେ ଲାଗିଛି। ପୁଣି ସ୍କୁଲ ଓ ସ୍କୁଲ ପରେ ଟିଉଶନ ଯୋଗୁ ପିଲାମାନେ 'ନିଜେ ପଢ଼ିବା' ପ୍ରାୟ ଛାଡ଼ି ସାରିଲେଣି। ସେଥିପାଇଁ ସେମାନେ ସ୍ୱୟଂସମ୍ପନ୍ନ ହୋଇପାରୁନାହାନ୍ତି। ସବୁବେଳେ ଗୋଟିଏ ସହାୟକ ହାତ ବା 'ହେଲ୍‌ପିଂ ହ୍ୟାଣ୍ଡ' ଦରକାର କରୁଛନ୍ତି। ତେଣୁ କପିଟା ସେମାନଙ୍କୁ ସୁବିଧା ଲାଗୁଛି।

ଯଦି ଶିକ୍ଷକ ବିଦ୍ୟାର୍ଥୀଙ୍କ ମଧ୍ୟରେ ବ୍ୟବଧାନ କମ୍ ହୋଇପାରିବ, ଶିକ୍ଷକ ଓ ଅଭିଭାବକ ପିଲାଙ୍କୁ ଜ୍ଞାନ ଆହରଣ କରିବା କୌଶଳ ଶିଖାଇବେ, କେବଳ ପୋଥିଗତ ବିଦ୍ୟା ନୁହଁ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନି 'ପାଠ ପଢ଼ାଇବା' କୌଶଳକୁ ଉନ୍ନତ କରାଇବେ ଓ ପିଲାଙ୍କୁ ବୁଝିବା ପାଇଁ ସମୟ ଦେବେ ତା' ହେଲେ 'କପି' ଭଳି ଏକ ବସ୍ତୁର ଦରକାର ପଡ଼ିବ ନାହିଁ।

**– ଚିନ୍ମୟୀ ପଣ୍ଡା**
*(ପ୍ରିନ୍ସିପାଲ, ଅଙ୍କୁର ପ୍ଲେ ସ୍କୁଲ, ଭୁବନେଶ୍ୱର)*

### ''କପି ଗୋଟେ ମାନସିକତା ; ପୁଣି ଏକ ଅଭାବନୀୟ ବାଧ୍ୟବାଧକତା''

ପ୍ରଥମେ ବାଧ୍ୟବାଧକତାର କଥା। ଯେବେ ରାଷ୍ଟ୍ର ଶିକ୍ଷା ଭଳି ମୌଳିକ ଅଧିକାର ପାଇଁ ସର୍ବନିମ୍ନ ଭିତ୍ତିଭୂମି ଯୋଗାଇ ଦେବାରେ ଅସମର୍ଥ ହୁଏ, ଯେବେ ନିଜର ହକ୍ ଦରମା ଗଣ୍ଡାକ ପାଇଁ ଶିକ୍ଷକଙ୍କୁ ମାସ ମାସ ରାଜଧାନୀରେ ଧାରଣା ଦେବାକୁ ପଡ଼େ, ଯେବେ ଅଷ୍ଟମ ଶ୍ରେଣୀର ଛାତ୍ରଟିଏ ତୃତୀୟ ଶ୍ରେଣୀର ପାଠ ବୁଝିବାକୁ ଅସମର୍ଥ ହୁଏ, ନକଲ ଛଡ଼ା ଉପାୟ ଆଉ କ'ଣ ଥାଏ ଯେ? ଏହି ଅଭାବନୀୟ ପରିସ୍ଥିତି ପାଇଁ ଛାତ୍ର, ସେମାନଙ୍କ ଅଭିଭାବକ ଓ ଶିକ୍ଷକଙ୍କ ଅପେକ୍ଷା ଅଧିକ ଦାୟୀ ହେଉଛନ୍ତି ରାଷ୍ଟ୍ର ଓ ତାକୁ ଚଳାଉଥିବା ସରକାର।

ଏବେ ମାନସିକତାର କଥା। ପରୀକ୍ଷାରେ ଷାଠିଏ ପ୍ରତିଶତ ନମ୍ବର ରଖିବା ଓ ସେହି ବିଷୟରେ ଷାଠିଏ ପ୍ରତିଶତ ଜାଣିବା ଦୁଇଟି ଭିନ୍ନ କଥା। ଆଦର୍ଶ ପରିସ୍ଥିତିରେ, ସଭାସମିତିରେ ଆମେ ହୁଏତ କହିପାରୁ ଯେ, ଗୋଟିଏ ବିଷୟରେ ଷାଠିଏ ପ୍ରତିଶତ ଜାଣିବା ସେ ବିଷୟରେ ଷାଠିଏ ପ୍ରତିଶତ ନମ୍ବର ରଖିବାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ମାତ୍ର ବାସ୍ତବରେ ପରିସ୍ଥିତି ସେଇଆ ନୁହେଁ। ପରବର୍ତ୍ତୀ ଶ୍ରେଣୀରେ ନାମଲେଖାଠାରୁ ଆରମ୍ଭ କରି ଚାକିରି ଯାଏ ସବୁଠି ବୋଧେ ଷାଠିଏ ପ୍ରତିଶତ ଜାଣିବା ଅପେକ୍ଷା ଷାଠିଏ ପ୍ରତିଶତ ନମ୍ବର ରଖିବାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଯେ ପର୍ଯ୍ୟନ୍ତ ଏ ପରିସ୍ଥିତି ରହିଥିବ ସେ ପର୍ଯ୍ୟନ୍ତ ନକଲ କରିବାର ମାନସିକତାକୁ ପ୍ରୋତ୍ସାହନ ମିଳୁଥିବ।

**– ପରଂବ୍ରହ୍ମ ତ୍ରିପାଠୀ** *(କଥାକାର)*


କମଳାକାନ୍ତ ଜେନା


ଚିନ୍ମୟୀ ପଣ୍ଡା


ପରଂବ୍ରହ୍ମ ତ୍ରିପାଠୀ



ଇତିଶ୍ରୀ ନନ୍ଦ

### ''କପି ପଛରେ ରହିଛି ସାର୍ଟିଫିକେଟ୍ ଶିକ୍ଷା''

ଶିକ୍ଷା କ'ଣ ? ମୋ ମତରେ ଶିକ୍ଷା ହିଁ ଏକମାତ୍ର ଆଧାର, ଯଦ୍ଦ୍ୱାରା ଜଣେ ବ୍ୟକ୍ତି ଏ ସମାଜରେ ତା'ର ଅସ୍ତିତ୍ୱ ପ୍ରତିଷ୍ଠା କରିପାରେ। ହେଲେ ଆଜିର ସମାଜରେ ଶିକ୍ଷାର ବ୍ୟାପାର (ବିଜ୍‌ନେସ) ଏତେ ଜୋର୍‌ରେ ବଢ଼ିବାରେ ଲାଗିଛି ଯେ, ଶିକ୍ଷା ଦ୍ୱାରା ନିଜସ୍ୱ ଜ୍ଞାନକୁ ବଢ଼ାଇବା ପରିବର୍ତ୍ତେ ସାର୍ଟିଫିକେଟ୍‌ର ଅଙ୍କ ଦ୍ୱାରା ଦୃଶ୍ୟମାନ ହେଉଛି ପିଲାଟିର ଶିକ୍ଷାଗତ ଯୋଗ୍ୟତା। ନିଜର ଅସଲ ଜ୍ଞାନକୁ ଭୁଲିଯାଇ ସେ ଧାଇଁ ପଡ଼ିଛି ପ୍ରତିଯୋଗିତାମୂଳକ ଶିକ୍ଷା ପଛରେ ; ଯେଉଁଥିରେ ପିଲାଟି କପି କରି ଭୁଲ୍ ବାଟରେ ଯାଇ ସାର୍ଟିଫିକେଟ୍‌ରେ ପର୍ସେଣ୍ଟେଜ୍ ବଢ଼ାଇବାରେ ଲାଗିପଡ଼େ। ଫଳରେ ଅସଲ ଜ୍ଞାନ କ'ଣ ଜାଣିପାରେନା ଏବଂ ପରିବେଶ ଓ ପରିବାର ଚାପରେ ମଧ୍ୟ ସେ ଭୁଲିଯାଏ ବିଦ୍ୟାର ପ୍ରକୃତ ଉଦ୍ଦେଶ୍ୟ କ'ଣ ? କପି କରି ଉତ୍ତୀର୍ଣ୍ଣ ହେବା ନା ନିଜସ୍ୱ ଜ୍ଞାନ ବଳରେ ଉତ୍ତୀର୍ଣ୍ଣ ହେବା ଏହା ତା' ପାଇଁ ପାଲଟିଯାଏ ଏକ ପ୍ରଶ୍ନବାଚୀ। ନିଜର ପ୍ରକୃତ ଜ୍ଞାନ ବିନା ଆମେ କେବେ ବି ସଫଳତା ପାଇପାରିବା ନାହିଁ। ଆଉ ଏବର ଅଭିଭାବକଙ୍କୁ ମୋର ଅନୁରୋଧ ପ୍ରତିଯୋଗିତାମୂଳକ ଶିକ୍ଷା ପଛରେ ଏତେ ବି ହଜି ଯାଆନ୍ତୁନି। କିମ୍ବା ନିଜ ପିଲାର ମାନସିକ ଚାପର କାରଣ ହୋଇଯାଆନ୍ତୁନି। ବାସ୍ତବରେ ନିଜ ପିଲାକୁ ପ୍ରଥମେ ବୁଝନ୍ତୁ ଏବଂ ତାକୁ ତା'ର ଆଗାମୀ ଦିନ ପାଇଁ ପ୍ରସ୍ତୁତ କରାନ୍ତୁ। ଦେଖିବେ, ପିଲାମାନେ କପିର ସାହାରା ନେବାକଥା ଚିନ୍ତା ମଧ୍ୟ କରିପାରିବେ ନାହିଁ। ଶିକ୍ଷା ବିନା ଗତି ନାହିଁ। ଶିକ୍ଷା ହିଁ ସଫଳତାର ଏକମାତ୍ର ଚାବିକାଠି – ଏ କଥା ସମସ୍ତଙ୍କ ଧ୍ୟେୟ ହେବା ଉଚିତ।

**– ଇତିଶ୍ରୀ ନନ୍ଦ** *(ଆଇନ ଛାତ୍ରୀ)*





**ଉପସଂହାର:** ବିଦ୍ୟା ମଣିଷକୁ ମୁକ୍ତି ଦିଏ। ମଣିଷ ଭିତରେ ଥିବା ଅଜ୍ଞାନର ଅନ୍ଧକାରକୁ ଦୂର କରେ। ମାତ୍ର ସମୟ ସହିତ ବଦଳିଯାଇଛି ଶିକ୍ଷାର ଉଦ୍ଦେଶ୍ୟ। ସମ୍ଭବତଃ ଏହାକୁ ଏକ୍‌ଜାମ୍ ଚିଟିଂର ଅନ୍ୟାନ୍ୟ କାରଣ ମଧ୍ୟରୁ ଗୋଟିଏ ବୋଲି ଧରି ନିଆଯାଇପାରେ। ତଥାପି ଏବେ ବି ସମୟ ସରିଯାଇନାହିଁ। ସୃଷ୍ଟିର ଶ୍ରେଷ୍ଠଜୀବ ମଣିଷ ପାଇଁ କିଛି ବି ଅସମ୍ଭବ ନୁହେଁ। ଅଭିଭାବକମାନେ ଆତ୍ମସଚେତନ ହେବେ। ଆଉ ପିଲାମାନଙ୍କ ଭିତରେ ନୈତିକତାର ସ୍ଫୁଲିଙ୍ଗ ସଞ୍ଚାର କରିବେ। ଏମିତି ହେଲେ ଦିନ ଆସିବ ଯେତେବେଳେ ପିଲାଟିଏ ରାଇମ୍ ପଢୁ ପଢୁ ମନକୁମନ ଗାଇ ଉଠିବ: ଜନି ଜନି – ୟେସ୍ ପାପା। ଚିଟିଂ ଏକ୍‌ଜାମ୍ – ନୋ ପାପା !

**– ରାଜେନ୍ଦ୍ର ରାଉଳ**

# ନାଟକରୁ ଉପନ୍ୟାସ

ପାଟ୍ରିକ୍‌ଙ୍କ ରଚନା ସବୁରେ ଥିବା ହାସ୍ୟରସର ଛୁଙ୍କ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିବା କୁହାଯାଏ। ତେବେ ତାଙ୍କର ରଚନାର କଳାତ୍ମକ ଧାରା ମଧ୍ୟ କିଛି କମ୍ ଚମତ୍କାର ନୁହେଁ। ୧୯୭୩ରେ ନୋବେଲ ମୁକୁଟ ପିନ୍ଧିଥିଲେ ପାଟ୍ରିକ୍। ପାଟ୍ରିକ୍‌ଙ୍କ ଜରିଆରେ ଅଷ୍ଟ୍ରେଲିଆ ସାହିତ୍ୟ ନୋବେଲ ମର୍ଯ୍ୟାଦା ହାସଲ କରିପାରିଥିଲା...






ସାହିତ୍ୟର ପ୍ରାୟତଃ ସବୁଦିଗକୁ ଛୁଇଁଥିବା ଜଣେ ବ୍ୟକ୍ତି ହେଉଛନ୍ତି ପାଟ୍ରିକ୍ ହ୍ୱାଇଟ୍। ପୁଣି ଗମ୍ଭୀର ବିଷୟକୁ ହାସ୍ୟ ରସାତ୍ମକ ଢଙ୍ଗରେ ପ୍ରକାଶ କରିବାର ଯେଉଁ କଳା ସେ ଆବିଷ୍କାର କରିଥିଲେ ତାହା ଆଜି ମଧ୍ୟ ବିଶ୍ୱ ସାହିତ୍ୟରେ ପରିଲକ୍ଷିତ ହେଉଛି। ତାଙ୍କର ରହିଛି ୧୨ଟି ଲୋକପ୍ରିୟ ଉପନ୍ୟାସ, ତିନୋଟି କ୍ଷୁଦ୍ରଗଳ୍ପ ସଂକଳନ ଏବଂ ଆଠଗୋଟି ନାଟକ। ପାଟ୍ରିକ୍‌ଙ୍କ ରଚନା ସବୁରେ ଥିବା ହାସ୍ୟରସର ଛୁଙ୍କ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିବା କୁହାଯାଏ। ତେବେ ତାଙ୍କର ରଚନାର କଳାତ୍ମକ ଧାରା ମଧ୍ୟ କିଛି କମ୍ ଚମତ୍କାର ନୁହେଁ। ୧୯୭୩ରେ ନୋବେଲ ମୁକୁଟ ପିନ୍ଧିଥିଲେ ପାଟ୍ରିକ୍। ପାଟ୍ରିକ୍‌ଙ୍କ ଜରିଆରେ ଅଷ୍ଟ୍ରେଲିଆ ସାହିତ୍ୟ ନୋବେଲ ମର୍ଯ୍ୟାଦା ହାସଲ କରିପାରିଥିଲା।

**ବ୍ରିଟେନ୍‌ରେ ଜନ୍ମ :** ଏହି ଅଷ୍ଟ୍ରେଲୀୟ ଲେଖକଙ୍କ ଜନ୍ମ ହୋଇଥିଲା ବ୍ରିଟେନ୍‌ରେ। ଅବଶ୍ୟ ତାଙ୍କର ଜନ୍ମ ପରେ ତାଙ୍କର ବାପା ଭିକ୍ଟର ହ୍ୱାଇଟ୍ ଏବଂ ମା' ରୁଥ୍ ଅଷ୍ଟ୍ରେଲିଆ ଫେରି ଯାଇଥିଲେ। ଅଷ୍ଟ୍ରେଲିଆରେ ପାଟ୍ରିକ୍‌ଙ୍କୁ ମିଳିଥିଲା ଏକ ହସଖୁସିର ପରିବାର। ବାପା, ମା', ଜେଜେମା', ଭଉଣୀଙ୍କ ଗହଣରେ ସେ ଏକ ସ୍ମରଣୀୟ ପିଲାବେଳ ଅତିବାହିତ କରିଥିଲେ।

**ଆଜ୍ମା ଓ ପାଟ୍ରିକ୍ :** ପାଟ୍ରିକ୍‌ଙ୍କୁ ଯେତେବେଳେ ମାତ୍ର ଚାରିବର୍ଷ ବୟସ ସେତେବେଳେ ସେ ଆଜ୍ମା ରୋଗରେ ପୀଡ଼ିତ ହେଲେ। ଆଜ୍ମା ଏକ ସାଧାରଣ ରୋଗ ହୋଇଥିଲେ ମଧ୍ୟ ତାଙ୍କ ପରିବାର ପାଇଁ ଏହା ଥିଲା ଅତ୍ୟନ୍ତ ଚିନ୍ତାର ବିଷୟ। କାରଣ ଏହି ଆଜ୍ମାରେ ପୀଡ଼ିତ ହୋଇ ପାଟ୍ରିକ୍‌ଙ୍କ ଜେଜେବାପା ମୃତ୍ୟୁବରଣ କରିଥିଲେ। ପାଟ୍ରିକ୍ ଆଜ୍ମାରେ ଆକ୍ରାନ୍ତ ହେବା ପରେ ସମସ୍ତେ ଭାବି ନେଇଥିଲେ ଯେ, ପୁଣିଥରେ ପୂର୍ବଘଟଣାର ପୁନରାବୃତ୍ତି ଘଟିବ। ଅବଶ୍ୟ ସେମିତି କିଛି ଘଟି ନ ଥିଲା। ତେବେ ଏଥିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା।

**ପଛେଇଗଲା ପାଠପଢ଼ା :** ଆଜ୍ମା ସିନା ତାଙ୍କର କିଛି କ୍ଷତି କରିପାରିଲାନି; ତେବେ ତାଙ୍କର ପାଠପଢ଼ାରେ ବିଘ୍ନ ଘଟେଇଲା। କାରଣ ସେ ଏଭଳି ଭାବରେ ଅସୁସ୍ଥ ହୋଇ ରହିଲେ ଯେ ତାଙ୍କୁ ସ୍କୁଲକୁ ପଠେଇବା ସମ୍ଭବ ହେଲାନାହିଁ। ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗିଗଲା। ସେ ଖୁବ୍ ଦୁର୍ବଳ ହୋଇପଡ଼ିଲେ। ତାଙ୍କର ସାଙ୍ଗସାଥୀମାନେ ଖେଳକୁଦରେ ମାତି ରହୁଥିବା ବେଳେ ତାଙ୍କୁ ଘରେ ଅଟକାଇ ରଖା ଯାଉଥିଲା। କାରଣ ଡାକ୍ତରମାନେ ତାଙ୍କୁ ବାହାରକୁ ଯିବାକୁ ମନା କରିଦେଇଥିଲେ।

**ମର୍ଚ୍ଚାଣ୍ଟ ଅଫ୍ ଭେନିସ୍ :** ପିଲାଟିବେଳୁ ନାଚଗୀତ ପ୍ରତି ଭାରି ଆଗ୍ରହ ଥିଲା ପାଟ୍ରିକ୍‌ଙ୍କର। ପୁଣି ନାଟକ ଦେଖିବାରେ ସେ ଖୁବ୍ ରୁଚି ରଖୁଥିଲେ। ତାଙ୍କ ମା' ରୁଥ୍ ଥିଲେ ନାଟକପ୍ରେମୀ। ମା'ଙ୍କଠାରୁ ଏଭଳି ଏକ ଅଭ୍ୟାସ ଆମଦାନୀ କରିଥିଲେ ସେ। ସେ ତାଙ୍କ ମା'ଙ୍କ ସାଥିରେ ନାଟକ ଦେଖିବାକୁ ଯାଉଥିଲେ। ସେ ପ୍ରଥମଥର ପାଇଁ ଯେଉଁ ନାଟକ ଦେଖିଲେ ତାହା ଥିଲା ୱିଲିଅମ ସେକ୍ସପିଅରଙ୍କ 'ମର୍ଚ୍ଚାଣ୍ଟ ଅଫ୍ ଭେନିସ୍'। ଏହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା।

**୧୦ବର୍ଷରେ ପାଠପଢ଼ା :** ସ୍ୱାସ୍ଥ୍ୟରେ ଅବନତି କାରଣରୁ ୧୦ବର୍ଷ ବୟସରେ ଆରମ୍ଭ ହୋଇଥିଲା ପାଟ୍ରିକ୍‌ଙ୍କ ପାଠପଢ଼ା। ସେ ଏକ ବୋର୍ଡ଼ିଂ ସ୍କୁଲରେ ନାମ ଲେଖାଇଥିଲେ। ତେବେ ସ୍କୁଲର ପରିବେଶ ତାଙ୍କ ପାଇଁ ଆଦୌ ଅନୁକୂଳ ନ ଥିଲା। ବାରମ୍ବାର ସ୍ୱାସ୍ଥ୍ୟହାନି ଘଟୁଥିଲା। ସେ ଅସୁସ୍ଥ ହେଉଥିଲେ। ତେବେ ବହୁ କଷ୍ଟ ଓ ସଂଘର୍ଷ ପରେ ସେ ସେହି ପରିବେଶ ସହିତ ଖାପଖୁଆଇ ପାରିଲେ। ସ୍କୁଲରୁ ଆରମ୍ଭ ହୋଇଥିଲା ତାଙ୍କର ନାଟକ ଲେଖା।

**ଲେଖାଲେଖି :** ୧୯୩୨ରୁ ୧୯୩୫ ମସିହା ଯାଏ ପାଟ୍ରିକ୍ ବ୍ରିଟେନ୍‌ରେ ରହିଥିଲେ। ସେ କ୍ୟାମ୍ବ୍ରିଜ୍ ୟୁନିଭର୍ସିଟି ଅନ୍ତର୍ଗତ କିଙ୍ଗ୍‌ସ ମହାବିଦ୍ୟାଳୟରେ ଫରାସୀ ତଥା ଜର୍ମାନ ସାହିତ୍ୟ ନେଇ ପାଠପଢ଼ିଲେ। ଏଠାରେ ପାଠ ପଢୁଥିବା ବେଳେ ହିଁ ତାଙ୍କ ଜୀବନରେ ପ୍ରେମର ପବନ ବହିଥିଲା। କ୍ରିଟିକ୍‌ମାନେ କହନ୍ତି, ପ୍ରେମରେ ପଡ଼ିବା ପରେ ହିଁ ପାଟ୍ରିକ୍ ନାଟକ ଲେଖା ଛାଡ଼ି ଗଳ୍ପ, କବିତା, ଉପନ୍ୟାସ ଆଦି ଲେଖିଲେ। ସେତିକି ନୁହେଁ, ଏହି କଲେଜରେ ଛାତ୍ର ଥିବା ବେଳେ ହିଁ ତାଙ୍କର ପ୍ରଥମ କବିତା ସଂକଳନ ପ୍ରକାଶ ପାଇଲା; ଯାହାର ନାମ ଥିଲା 'ଦି ପ୍ଲାଓମ୍ୟାନ୍ ଆଣ୍ଡ ଅଦର ପୋଏମ୍ସ'। ଏହି ସମୟରେ ସେ ଏକ ଅତି ଲୋକପ୍ରିୟ ନାଟକ ରଚନା କରିଥିଲେ- 'ବ୍ରେଡ୍ ଆଣ୍ଡ ବଟର ୱିମ୍ୟାନ୍'। କିଛି ଅଣପେସାଦାର କଳାକାରଙ୍କ ଦ୍ୱାରା ଏହି ନାଟକ ମଞ୍ଚସ୍ଥ ହୋଇଥିଲା।

**ବାପାଙ୍କ ଦେହାନ୍ତ :** ପାଟ୍ରିକ୍‌ଙ୍କ ଜୀବନ ଉଭୟ ବ୍ରିଟେନ୍ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସମାନ୍ତରାଳ ଭାବରେ ଅତିବାହିତ ହେଉଥିଲା। କାରଣ ତାଙ୍କର ମାମୁଘର ଥିଲା ବ୍ରିଟେନ୍। ୧୯୩୭ରେ ପାଟ୍ରିକ୍‌ଙ୍କ ବାପାଙ୍କର ଦେହାନ୍ତ ଘଟିଲା। ଏହା ତାଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟତା ଭରିଦେଲା। ଅବଶ୍ୟ ଧନ ସମ୍ପତ୍ତିର ଅଭାବ ନ ଥିଲା। ତେଣୁ ତାଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ସେ ଉପନ୍ୟାସ ରଚନାରେ ଅଧିକ ମନୋନିବେଶ କଲେ। ଇତିମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ସରିଗଲା। ପାଟ୍ରିକ୍ ବ୍ରିଟେନ୍ ଛାଡ଼ି ଅଷ୍ଟ୍ରେଲିଆ ଚାଲି ଆସିଲେ। ଅଷ୍ଟ୍ରେଲିଆ ଥିଲା ତାଙ୍କର ପିତାଙ୍କ ଦେଶ। ଏହା ତାଙ୍କର ସାହିତ୍ୟ ମନସ୍କତାକୁ ତୀବ୍ର ଗତିଶୀଳ କରାଇଥିଲା।

୧୯୯୦ ସେପ୍ଟେମ୍ବର ୩୦ରେ ଏହି ମହାନ୍ ଲେଖକଙ୍କର ଦେହାନ୍ତ ଘଟିଥିଲା।



ଗୀତିକବିତା

# ଗୋପନ ଇଚ୍ଛା

– ଶୁଭ୍ରାଂଶୁ ଶେଖର ମାହନ୍ତ

ହୃଦୟେ ସାଇତା
ଅକୁହା ଭାଷାକୁ
ପାରେନାହିଁ ସେ ତ କହି,
ସପନ ନାୟିକା
ସପନରେ ଆସେ
ନଜରରେ ଯାଏ ଛୁଇଁ ॥
ଲାଜୁଆ ରୋମିଓ
ପାରେନା ଭରସି
ମନକଥା କହିବାକୁ
ଭାରି ଇଚ୍ଛାହୁଏ
ଅତି ଗୋପନରେ
ସମ୍ପର୍କଟେ ଯୋଡ଼ିବାକୁ ॥
ସେଇ ଦୁଇଆଖି
ହରିଣ ଚାହାଣି
ଆଖି ଆଗେ ଯାଏ ଭାସି
ଯୋଛନାରେ ଭିଜି
ଭାବେ ସେ ଅନେକ
ପଡ଼ନ୍ତା କି ହାତେ ଖସି ॥

*– ସାଳନ୍ଦୀ*
*ବାଇପାସ୍, ଭଦ୍ରକ*

# ଆଜି ହଠାତ୍

–ଭରତ ଚନ୍ଦ୍ର ଦାଶ

ଆଜି ହଠାତ୍
ତମ ଘନକୃଷ୍ଣ କବରୀରୁ
ଗର୍ଜନ ତର୍ଜନ କରି
ଘୋଟିଗଲା ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ସତେ ଅବା ଫାଟିପଡ଼ିବ ଆକାଶ
ଅନ୍ଧକାରରେ ଛାଇଗଲା
ହୃଦୟର କୋଣ ଅନୁକୋଣ
ନିଶୀଥର ଭ୍ରମରେ
ରାତ୍ରୀଚରମାନେ
ଆନନ୍ଦରେ ନାଚି ଉଠିଲେ
ଝିଙ୍କାରୀର ଝଙ୍କାରରେ
ବନଝରଣାର କଳକଳ ନାଦରେ
ମୁଁ ନୀରବ ନିସ୍ତବ୍ଧ
ଭୀତତ୍ରସ୍ତ ମୂହୁର୍ତ୍ତରେ
ସ୍ୱପ୍ନ ଭଙ୍ଗ ହେଲା
ପୂର୍ବବତ୍
ମୁଁ ଧ୍ୟାନମଗ୍ନ ହେଲି
ସୃଜନର ଅନ୍ୟ ଏକ
ଦିବ୍ୟ ମୁହୂର୍ତ୍ତରେ ।
ହଠାତ୍ ଜଳଦର ବାରିଧାରା
ତୃପ୍ତ କଲା ଦେହ ମନ
ଜୀବନ ଯୌବନ ।

*–ମାର୍କୋଣା, ବାଲେଶ୍ୱର*

# ବଡ଼ଲୋକ

– ପବିତ୍ର କୁମାର ଗୌଡ଼

ରବିବାର । ଅଫିସ୍ ନାହିଁ । ଘରେ ବି ଖାସ୍ କିଛି କାମ ନାହିଁ । କରେଣ୍ଟ ନ ଥିବା ହେତୁ ଟିଭି ଦେଖିବାର ସୁଯୋଗ ନାହିଁ । ପିଲାଏ ଗାଁକୁ ଯାଇଥିବାରୁ ଘରେ ଗହଳଚହଳ ନାହିଁ । ପତ୍ରିକା ଖଣ୍ଡିଏ ଧରି ବସିଗଲି । ଶୀତଦିନିଆ ଦି'ପହର । ସେଥିରେ ପୁଣି ଜାକିଜୁକି ହେଇ ବସିବା ଓ ମାଗାଜିନ୍ ପଢ଼ିବା ଭିତରେ କେତେବେଳେ ଛାଇନିଦ ଲାଗି ଆସିଥିଲା । ମୁଁ ବି ବାଟ ଓଗାଳିଲିନି । ଆସୁ । ଠିକ୍ ଏତିକିବେଳକୁ ମୋବାଇଲ୍‌ଟା ବାଜି ଉଠିଲା । ଖୁବ୍ ରାଗ ଲାଗିଲା । ଏଡ଼େ ସୁନ୍ଦର ନିଦଟା ଆସୁଆସୁ ବାଟ ଭାଙ୍ଗି ପଳେଇଲା ଯାହା । ଉଠେଇଲି ଫୋନ୍ – 'ଆରେ କୋଉଠି ? ଟିକିଏ ବସ୍‌ଷ୍ଟାଣ୍ଡ ଆସ୍ ।'

ସେପଟୁ ପିଲାଦିନର ସାଙ୍ଗ ନାରଣର ତୁରୁତୁରିଆ ସ୍ୱର । ମୁଁ ବିରକ୍ତ ହେଲି ଓ ପଚାରିଲି – 'ସେଠିକି ଯାଇ କ'ଣ କରିବି ? କହୁନୁ ଯାହା କହିବା କଥା ।'

ତୁ ଆଗ ଆସ୍ ବୋଲି କହି ସେ ଫୋନ୍ କାଟିଦେଲା । ଇଚ୍ଛା ନ ଥାଇ ବି ବାହାରିଲି ବସ୍‌ଷ୍ଟାଣ୍ଡକୁ । ଦେଖିଲାବେଳକୁ ଗୋଟେ ସିମେଣ୍ଟ ବେଞ୍ଚକୁ ଆଉଜି ବସିଛି ନାରଣ । ତାକୁ ଆଉଜି ଢୁଳେଇ ପଡ଼ିଛି ତା' ଅନ୍ଧୁଣୀ ଝିଅ । ବିବାହର ଦଶ ବର୍ଷ ପରେ ଝିଅଟି ଜନ୍ମ ହେଲା ଯେ, ଦୁଇଟିଯାକ ଆଖି ତା'ର ନାହିଁ । ଡାକ୍ତର ଦେଖେଇଲେ କାଳେ ଝିଅ ଟିକେ ଦେଖିପାରିବ – ସେଇ ଆଶାରେ ଧାର ଉଧାର କରି ତାକୁ ଥରକୁଥର ଭୁବନେଶ୍ୱର ଆଣୁଛି ନାରଣ । ବୋଧେ ଟଙ୍କା ପଇସା ନିଅଣ୍ଟ ପଡ଼ିଲା କି କ'ଣ ଏଇନେ ଧାର ମାଗିବ । ଫୋନ୍‌ରେ ସେଇକଥା କହିଦେଲେ ମୁଁ ଯିବିନି ବୋଲି ଭାବି ବୋଧେ ତା'ର ଏମିତିଆ ପେଖନା ।

'କ'ଣ ହେଲା ?'

ଚିଡ଼ିଯାଇ ପଚାରିଲି । ସେ ଦାନ୍ତ ଦେଖଉ ଦେଖଉ କହିଲା– 'ଗଲାଥର ଯୋଉ ଶହେଟଙ୍କା...'

ତା' କଥା ପୂରା ଶୁଣିବାର ଧୈର୍ଯ୍ୟ ମୋର ନଥିଲା । ବିରକ୍ତ ହୋଇ ଝାଡ଼ିଦେଲି – 'ଗଲା ଥର ଶହେ ଟଙ୍କା ଧାର ନେଇଥିଲୁ । ଏଥର ପାଞ୍ଚଶ ନବୁ । ଆଉ ଥରେ ଆସିଲେ ପାଞ୍ଚ ହଜାର ମାଗିବୁ । ମୁଁ ଏଠି ଟଙ୍କାବାକ୍ସ ଧରି ବସିଛି ଭାବିଦେଇ ପଳେଇ ଆସୁଛୁ ଗାଁରୁ । ଭାବିବାକୁ ତ ପଇସା ପଡୁନାହିଁ ନା ।'

ସେ ଆଉ ଥରେ ହସିଲା ଓ ପୂର୍ବ ଅପେକ୍ଷା ଆଉ ଟିକେ ଧୀର ସ୍ୱରରେ କହିଲା, 'ଆରେ ମୁଁ ନେବା କଥା କହୁନି । ଗଲାଥର ଯୋଉ ଶହେଟଙ୍କା ନେଇଥିଲି, ସେଇଟା ଫେରେଇବାକୁ ଡାକିଛି । କହି ଦେଇଥିଲେ ତୁ ହୁଏତ ଶହେଟା ଟଙ୍କା ନବାକୁ କ'ଣ ଯିବି ଭାବି ଆସି ନ ଥାନ୍ତୁ । ତେଣୁ... ।'

– ପ୍ରଥମରୁ କହିଲୁନି ସେଇକଥା । ଅଯଥାରେ ମୁଁ ତତେ କେତେ କଥା କହିଗଲି ।

– ଅନ୍ୟର କଥା ଶୁଣିବା ପାଇଁ ତୋ ଭଳି ବଡ଼ଲୋକମାନଙ୍କ ଧୈର୍ଯ୍ୟ କାହିଁ ? ମୋ ମୁହଁକୁ ସିଧା ଚାହିଁ କହିଲା ନାରଣ ।

–ଫେରେଇବା ଦରକାର ନାହିଁ । ରଖ ସେ ଶହେ ଟଙ୍କା ।

ମୋ ପାଟିରୁ କଥା ସରିଛି କି ନାହିଁ, ସେ ଶହେଟଙ୍କିଆ ନୋଟ୍ ଖଣ୍ଡେ କାଢ଼ି ମୋ ପକେଟରେ ଗୁଞ୍ଜି ସାରିଥିଲା । ଭାରି ଅଡୁଆ ଲାଗିଲା ମତେ । କାମର ବାହାନା କରି ସେଠୁ ଫେରି ଆସୁଆସୁ ଭାବୁଥିଲି, ସତରେ ବଡ଼ଲୋକ କିଏ ? ବିବେକର ତାଡ଼ନାରେ ଧାର କରିଥିବା ଶହେ ଟଙ୍କା ଫେରେଇବାକୁ ବ୍ୟଗ୍ର ନାରଣ ନା କିଛି ନ ବୁଝି, ବନ୍ଧୁପଣିଆ ଭୁଲି ଅକାରଣରେ ତାକୁ ଝିଙ୍ଗାସିଥିବା ମୁଁ ?

*– ବି–୧୮୯, ରୋଡ–୧, ଲେନ୍–୭, ଶ୍ରୀଜଗନ୍ନାଥ ବିହାର*
*ବରମୁଣ୍ଡା, ଭୁବନେଶ୍ୱର, ମୋ– ୭୦୭୭୯୪୯୯୩୨*



ସଲ୍ମାନ-ସୋନାକ୍ଷୀ

# ସଲ୍ଲୁ ଯାହା ଚାହୁଁଥିଲେ..

ସଲ୍ଲୁ ମିଆଁ ଓରଫ ସଲମାନ ଖାଁ ଯାହା ଚାହୁଁଥିଲେ ତାହା ହେବାକୁ ଯାଉଛି। ହୋମ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି 'ଦବଙ୍ଗ-୩'। ତାଙ୍କର ଇଚ୍ଛା ଥିଲା ଯେ, ଏହି ଫିଲ୍ମଟି ଚଳିତବର୍ଷ ଡିସେମ୍ବରରେ ରିଲିଜ ହେଉ। ଏ ନେଇ ବେଶ୍ କିଛି ଦିନ ମାନସ ମନ୍ଥନ ହେବା ପରେ ଶେଷରେ ଫାଇନାଲ ହୋଇଛି ଯେ 'ଦବଙ୍ଗ'ର ଏହି ସିକୁଏଲ ଚଳିତବର୍ଷ ଶେଷ ମାସରେ ହିଁ ରିଲିଜ ହେବ। ଏହାର ଶୁଟିଂ କେବେ ଆରମ୍ଭ ହେବ ସେ ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଥିଲା। ହେଲେ ଆସନ୍ତା ମାସରୁ ହିଁ ଶୁଟିଂ ଆରମ୍ଭ ହେବ ବୋଲି ସଲମାନ କହିଛନ୍ତି। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ସୋନାକ୍ଷୀ ସିହ୍ନା। କିନ୍ତୁ ଡିସେମ୍ବରରେ ଆଉ ତିନୋଟି ସିନେମାର ରିଲିଜ ହେବ ବୋଲି ଜଣାପଡିଛି। ସେଗୁଡିକ ହେଲା 'ପାଗଲପନ୍ତୀ', 'ପାନିପତ' ଏବଂ 'ବ୍ରହ୍ମାସ୍ତ୍ର'। 'ଦବଙ୍ଗ-୩'ର ପ୍ରଯୋଜନା ଅରବାଜ ଖାଁ କରୁଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱ ପ୍ରଭୁଦେବା ନେଇଛନ୍ତି। ଏହି ଫିଲ୍ମର ଆଉ ଏକ ଖାସ୍ କଥା ରହିଛି। ଏଥିରେ କରୀନା ଏକ ସ୍ପେଶାଲ ଗୀତରେ ନାଚିବେ। ଯେହେତୁ 'ଦବଙ୍ଗ'ର 'ମୁନ୍ନି ବଦନାମ ହୁଇ ଡାର୍ଲିଂ ତେରେ ଲିୟେ' ସୁପରଡୁପର ହିଟ୍ ହୋଇଥିଲା ତେଣୁ କରୀନାଙ୍କ ଏହି ସ୍ପେଶାଲ ଗୀତର କମ୍ପୋଜିଙ୍ଗକୁ ସେମିତି ଦମଦାର କରାଯାଉଛି ବୋଲି ସୂଚନା ଦେଇଛନ୍ତି ଅରବାଜ।

# କାର୍ତ୍ତିକଙ୍କ ପ୍ରଶଂସାରେ ସାରା

ସୈଫ ତନୟା ସାରାଙ୍କ ମୁହଁରେ ଏବେ କେବଳ କାର୍ତ୍ତିକ ଆର୍ଯ୍ୟନଙ୍କ ପ୍ରଶଂସା। କେବଳ ସେତିକି ନୁହେଁ, ଦୁହିଁଙ୍କ ଫଟୋକୁ ସୋସିଆଲ ମିଡିଆରେ ସାରା ପୋଷ୍ଟ କରିବା ପରେ ଏହା ଏଭଳି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। କଥା କ'ଣ କି ଦୁହେଁ, ଏବେ 'ଲଭ୍ ଆଜ୍ କଲ୍-୨'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ସେଟ୍‌ର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇସାରିଛି। ସାରାଙ୍କର କେତେକ ପ୍ରଶଂସକ ଏହି ଫଟୋକୁ ବେଶ୍ ତାରିଫ କରିଛନ୍ତି। ଶୁଣିବାକୁ ମିଳୁଛି ଯେ ଦୁହିଁଙ୍କ ଭିତରେ କୁଆଡେ ପୂରା ଦମ୍‌ରେ ରୋମାନ୍ସ ଚାଲିଛି। ହେଲେ ଏହା ମିଛ ବୋଲି ସଫେଇ ଦେଇ ସାରା କହନ୍ତି, 'ମୋତେ ଏବଂ କାର୍ତ୍ତିକଙ୍କୁ ନେଇ ଯାହା ସବୁ ଶୁଣିବାକୁ ମିଳୁଛି ତାହା ମିଛ। ଆମ ଭିତରେ ସେମିତି କିଛି ସମ୍ପର୍କ ନାହିଁ, ଯାହା ଅନ୍ୟମାନଙ୍କୁ ଆଲୋଚନା ପାଇଁ ଖୋରାକ ଯୋଗାଇବ। ଆମ ଦୁହିଙ୍କ ଭିତରେ କେବଳ ବନ୍ଧୁତା ରହିଛି।' ସେପଟେ ଏଭଳି ଆଲୋଚନାକୁ ନେଇ କାର୍ତ୍ତିକ ଚୁପ୍ ରହୁଛନ୍ତି। ତେବେ ଆମେ କ'ଣ ଜାଣିବା ଯେ 'ମୌନେ ସମ୍ମତି ଲକ୍ଷଣମ !'

# ଆଶାରେ ନମ୍ରତା

ନବାଗତା ନମ୍ରତା ସିଂଦେଓ। ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ତୋ ପାଇଁ ଫେରିବି ବସୁଧା ଚିରି' ରିଲିଜ ହେବାକୁ ଯାଉଛି। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏଥିରେ ତାଙ୍କ ଚରିତ୍ରଟି ହେଲା କାଜଲ। ସେ ଜଣେ ଫିଲ୍ମ ନାୟିକା। ହଠାତ୍ ଜଣେ ଗାଉଁଲି ଯୁବକ ଚିତା ସହ ତାହାର ଭେଟ ହେଉଛି। ପୁଣି ଏପରି ସଂଯୋଗ ଯେ କାଜଲର ଜଣେ ବଡ ପ୍ରଶଂସକ ହେଲା ଚିତା। ହେଲେ ଏହି ପ୍ରଥମ ଦେଖା ପରେ କ'ଣ ହେଉଛି। କାଜଲ ପ୍ରେମରେ ଚିତା ପଡିଯାଉନି ତ ? ଅପରପକ୍ଷରେ ଚିତା ପରି ଜଣେ ଗାଉଁଲି ପିଲାକୁ କାଜଲ ପ୍ରେମିକ ଭାବରେ ଗ୍ରହଣ କରୁଛି ତ ? ଏପରି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାର କାହାଣୀରେ। ଜୟ ମା' ପଲ୍ଲୁଭାଲି ଫିଲ୍ମସ ବ୍ୟାନରରେ ରମାକାନ୍ତ କରଙ୍କ ନିବେଦିତ ଏହି ଚିତ୍ରର ପ୍ରଯୋଜନା କରିଛନ୍ତି ଶରତ ପ୍ରିୟା ପଟ୍ଟନାୟକ ଏବଂ ଶ୍ୟାମ ସୁନ୍ଦର ଅଗ୍ରୱାଲ। କାହାଣୀ ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଗିମିକ ମାଷ୍ଟର ଭାବରେ ପରିଚିତ ସଞ୍ଜୟ ନାୟକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ନମ୍ରତାଙ୍କ ନାୟକ ଭୂମିକାରେ ଚନ୍ଦନ କର ଅଭିନୟ କରିଥିବା ବେଳେ ଶ୍ରୀତମ ଦାସ, ଦୁଷ୍ମନ୍ତ ପଣ୍ଡା, ପ୍ରେମାଞ୍ଜନ ପରିଡା, ବିଜୁ ବଡଜେନା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।





# ୟାମିଙ୍କ ଫିଟ୍‌ନେସ୍ ମନ୍ତ୍ର

ଆଜିକାଲିର ଦୁନିଆରେ ଆମେ ଫିଟ୍ ରହିବା ନିହାତି ଜରୁରୀ। ଆଉ ସେଥିରୁ ୟାମି ଗୌତମ ବାଦ୍ ପଡନ୍ତେ କିପରି ? ନିଜେ ତ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେଉଛନ୍ତି ତା' ସହ ସାଙ୍ଗସାଥୀଙ୍କୁ ଏ ବିଷୟରେ ଟିପ୍ସ ଦେବାକୁ ପଛାଉ ନାହାନ୍ତି। ନିକଟରେ ସେ ତାଙ୍କର କେତେ ଜଣ ସାଙ୍ଗଙ୍କୁ ନିଜ ଘରକୁ ଡିନର ପାଇଁ ନିମନ୍ତ୍ରଣ କରିଥିଲେ। ସମସ୍ତେ ମିଶି ଡିନର୍ ମଜା ତ ନେଇଥିଲେ, ହେଲେ ସେହି ସମୟରେ ନିଜର ଫିଟ୍‌ନେସ୍ ଅଭିଜ୍ଞତା ବିଷୟରେ ବଖାଣିଥିଲେ ୟାମି। କେବଳ ସେତିକି ନୁହେଁ, ୟାମି ଏବେ 'ଫନ୍ ଫିଟ୍‌ନେସ ପ୍ରୋଗ୍ରାମ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏ ବିଷୟରେ ସେ କହନ୍ତି, 'ଫିଟ୍‌ନେସ ବିଷୟରେ ମୋର ଯେତିକି ଅଭିଜ୍ଞତା ଅଛି ତାହାକୁ ଶେୟାର କଲେ କ୍ଷତି କ'ଣ ? ମୋର କେତେଜଣ ସାଙ୍ଗ ଏ ନେଇ ମୋତେ କହିବା ପରେ ମୁଁ ଏପରି କାମରେ ଲାଗିପଡିଛି।' ବାକି ରହିଲା ତାଙ୍କର ରିଲ୍ ଲାଇଫ କଥା। ନିକଟରେ ତାଙ୍କୁ ଏକ ନାମୀ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଚଳଚ୍ଚିତ୍ରରେ ନାୟିକା ସାଜିବାକୁ ଅଫର ମିଳିଥିଲା। ହେଲେ ପାରିଶ୍ରମିକକୁ ନେଇ ସହମତି ନ ହେବାରୁ ଅଫରଟିକୁ ହାତଛଡା କରିଛନ୍ତି ସେ।





# ଅଭିନୟକୁ ଗୁଡ୍‌ବାୟ କରିବେ ଆମୀର!

ନିଜର ଅଭିନୟ ପାଇଁ ଆମୀର ଖାଁ ପ୍ରାୟ ଚର୍ଚ୍ଚାରେ ରହିଥାଆନ୍ତି। ଏଣୁତେଣୁ ସିନେମାରେ ଅଭିନୟ ନ କରି ବର୍ଷକୁ ଗୋଟିଏ ଚଳଚ୍ଚିତ୍ରରେ ଆକ୍ଟିଂ କରିବାକୁ ସେ ଗୁରୁତ୍ୱ ଦିଅନ୍ତି। ତେବେ ଅଭିନୟକୁ ଗୁଡ୍‌ବାୟ କହିବା ପରେ ସେ କରିବେ କ'ଣ ? ଏଭଳି ପ୍ରଶ୍ନ ନିକଟରେ ତାଙ୍କ ମନରେ ଉଠିଥିଲା। ତା'ପରେ ସେ କେବଳ 'କଟ୍-ଓକେ' କହିବେ। ଅର୍ଥାତ୍, ଏହାପରେ ସେ ନିର୍ଦ୍ଦେଶକ ହଟ୍ ସିଟ୍‌ରେ ବସିବାକୁ ମାଇଣ୍ଡ ମେକଅପ କରିସାରିଲେଣି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା 'ତାରେ ଜମିନ୍ ପର୍' ହିଟ୍ ହୋଇଥିଲା। ନିଜର ଭବିଷ୍ୟତ ଆଭିମୁଖ୍ୟ ସମ୍ପର୍କରେ ଆମୀର କହନ୍ତି, 'ମୁଁ ଜାଣିଛି, ନିର୍ଦ୍ଦେଶନା ଭାର ସମ୍ଭାଳିବା ଏକ ସହଜ କଥା ନୁହେଁ। ହେଲେ 'ତାରେ ଜମିନ୍ ପର୍' ପରି ଏକ ଭିନ୍ନ ଧରଣର କାହାଣୀକୁ ନିର୍ଦ୍ଦେଶନା ଦେବା ପରେ ଏ ନେଇ ମୋର ଆତ୍ମବିଶ୍ୱାସ ଦ୍ୱିଗୁଣିତ ହୋଇଛି। ଅଭିନୟ ପରେ ଭବିଷ୍ୟତରେ ମୁଁ କେବଳ ନିର୍ଦ୍ଦେଶନାକୁ ହିଁ ଅଗ୍ରାଧିକାର ଦେବି।' ତେବେ ନିର୍ଦ୍ଦେଶକ ଭାବରେ ସେ ଦର୍ଶକଙ୍କୁ କେତେ ଇମ୍ପ୍ରେଶ କରିପାରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ପ୍ରଥମ ରୋଜଗାର



କଣ୍ଠଶିଳ୍ପୀ, ଗୀତିକାର ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ଭାବେ କାର୍ଯ୍ୟରତ ବାସୁଦେବ ମାଳବିଶୋଇ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଟଙ୍କା ଘରକୁ ପଠାଇଥିଲି

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିଗୁଡ଼ା ଗାଁରେ ମୋର ଜନ୍ମ। ସରକାରୀ ଆବାଶିକ ଉଚ୍ଚ ବିଦ୍ୟାଳୟ, କୁଜେନ୍ଦ୍ରିରୁ ୧୯୮୫ରେ ମାଟ୍ରିକ୍ ପାସ୍ କରିବା ପରେ ଗୁଣୁପୁର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢିଥିଲି। ତା'ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଇତିହାସରେ ପି.ଜି. କଲି। ଏହାପରେ କୋରାପୁଟସ୍ଥିତ ଡିଏଭି ବି.ଇଡି କଲେଜରେ ବି.ଇଡି ପଢିଲି। ବି.ଇଡି ସରିବା ପରେ ମୋତେ ଗାଁଠାରୁ ୨ କି.ମି. ଦୂର ଏକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଚାକିରି ମିଳିଥିଲା କିନ୍ତୁ ମୁଁ ସେ ଚାକିରି ନ କରି ଅଗ୍ରଗାମୀ ନାମକ ଏକ ଏନ୍‌ଜିଓରେ ଯାଇ କାମ କଲି। ଏହି ଏନ୍‌ଜିଓ ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ କରିବାର ଦାୟିତ୍ୱ ନେଇଥିଲା, ଯାହାର ହେଡ୍ ଅଫିସ୍ ରାୟଗଡ଼ାର କାଶୀପୁରରେ ଥିଲା। ମୋର ସେହି ହେଡ୍ ଅଫିସ୍‌କୁ ଡିଷ୍ଟ୍ରିକ୍ଟ କୋ-ଅର୍ଡିନେଟର୍ ଭାବେ ପୋଷ୍ଟିଂ ହୋଇଥିଲା। ମୋ ଅଧୀନରେ ୮ଟି ଜିଲାର ଦାୟିତ୍ୱ ଥିଲା। ଏଠାରୁ ମୁଁ ପ୍ରଥମ ଦରମା ୧୫୦୦ ଟଙ୍କା ପାଉଥିଲି। ୫୦୦ ଟଙ୍କା ହାତଖର୍ଚ୍ଚ ପାଇଁ ରଖି ବାକି ଟଙ୍କା ଘରକୁ ମନିଅର୍ଡର କରି ଦେଉଥିଲି। ପ୍ରାୟ ୬ ବର୍ଷ ଏଠାରେ କାମ କରିବା ପରେ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ସଂଗଠନରେ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ଅଫିସର୍ ଭାବେ ଫୁଲବାଣୀରେ ଯାଇ ଯୋଗଦେଲି। ଏଠାରେ ମାତ୍ର ଅଢେଇ ବର୍ଷ କାମ କରିବା ପରେ ପୁଣି ସେ ଚାକିରି ଛାଡି ସର୍ବ ଶିକ୍ଷା ଅଭିଯାନରେ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ କୋ-ଅର୍ଡିନେଟର୍ ଭାବେ ରାୟଗଡ଼ାରେ କାମ କଲି। ଏଠାରେ ବର୍ଷେ ଅଭିଜ୍ଞତା ହୋଇଯିବା ପରେ ୟୁନିସେଫ୍‌ରେ ଜଏନ୍ କରିବା ପାଇଁ ଟ୍ରାଏ କଲି ଆଉ ସେଥିରେ ସଫଳ ମଧ୍ୟ ହେଲି। ମୋତେ ଏଥିରେ ଡିଷ୍ଟ୍ରିକ୍ଟ କୋ-ଅର୍ଡିନେଟର୍ ଭାବେ କୋରାପୁଟରେ କାମ କରିବାର ସୁଯୋଗ ମିଳିଲା। ୩ ବର୍ଷ ଏଠାରେ କାମ କରିବା ପରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଧିକାରୀ ଭାବେ ଯୋଗଦେଲି। ୬ ବର୍ଷ ଏଠାରେ କାମ କରିବା ପରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ଭାବେ ମୋତେ ନିଯୁକ୍ତି ମିଳିଲା। ଏବେ ବି ମୁଁ ଏହି ପଦବୀରେ ଏଠାରେ କାର୍ଯ୍ୟରତ। ଏଥିରେ ମୁଖ୍ୟତଃ ଓଡିଶାର ପାରମ୍ପରିକ ଲୋକକଳାର ସୁରକ୍ଷା ଓ ପ୍ରସାର ଦିଗରେ କାର୍ଯ୍ୟ କରାଯାଇଥାଏ। ଏ ତ ଥିଲା ମୋ ବୃତ୍ତି ସମ୍ପର୍କିତ କଥା। ଅବଶ୍ୟ ଏହି ଚାକିରି କାଳ ଭିତରେ ମୁଁ ଏଜୁକେଶନ ଏବଂ ସୋସିଆଲ ୱାର୍କରେ ବି ପିଜି କରିସାରିଲିଣି। ଏହାବାଦ୍ ଗୀତ ଲେଖିବା ଓ ଗାଇବାକୁ ମୁଁ ବହୁତ ଭଲ ପାଏ। ୟା'ଭିତରେ ମୋର ଦୁଇଟି ଭଜନ ସିଡୀ 'ଝୁମୁରୁ ଝାଇଁ ଓ 'ଝୁରେ ଯମୁନା' ବି ବାହାରି ସାରିଲାଣି। 'ଝୁମୁରୁ ଝାଇଁ'ରେ ୮ଟି ଯାକ ଗୀତ ନିଜେ ଲେଖିଛି ଓ କଣ୍ଠଦାନ କରିଛି। ସେହିପରି 'ଝୁରେ ଯମୁନା'ରେ ଥିବା ସର୍ବମୋଟ ୭ଟି ଗୀତରୁ ୫ ଗୀତ ମୁଁ ଲେଖିଛି ଏବଂ ଆଉ ୨ଟି ଗୀତ ଅନ୍ୟଜଣେ ଗୀତିକାର ଲେଖିଛନ୍ତି। କିନ୍ତୁ ସବୁ ଗୀତର କଣ୍ଠଦାନ ମୁଁ କରିଛି। ଆଗକୁ ମୋର ଏକ ଆଧୁନିକ ସିଡୀ ବି ବାହାରିବାର ଅଛି। ସେହିପରି ଦୂରଦର୍ଶନରେ ପ୍ରସାରିତ ହୋଇଥିବା 'କିଏ' ଓ 'କଳିକା' ନାମକ ଦୁଇଟି ଧାରାବାହିକରେ ଅଭିନୟ ବି କରିଛି। ଏସବୁ ବ୍ୟତୀତ ରୋଟାରୀ ଇଣ୍ଟରନ୍ୟାଶନାଲ୍‌ର ଦୁଇ ବର୍ଷ ସେକ୍ରେଟାରୀ ଥିଲି। ଅଉ ଏବେ ସ୍କାଉଟ୍ ଆଣ୍ଡ ଗାଇଡ୍‌ର କୋରାପୁଟ ଜିଲା ସଭାପତି ଅଛି। ତା'ଛଡ଼ା ଓଡିଶାରେ ଲୋକକଳାର ପ୍ରଚାର ଓ ସୁରକ୍ଷା ଦିଗରେ ସହଯୋଗ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସମ୍ମାନିତ ମଧ୍ୟ ହୋଇଛି। ଅନ୍ୟପକ୍ଷେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରିବାରେ ସହଯୋଗ କରିଥିବାରୁ ମୋତେ ଦୁଇ ଥର ରାଜ୍ୟପାଳ ପୁରସ୍କାର ବି ମିଳିଛି। ସେହିପରି ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ମଧ୍ୟ ରାଜ୍ୟପାଳଙ୍କଠାରୁ ପାଇଛି।

**-ଅନ୍ୱିତା**

# ମନମୋହିନୀ ସୁନା ହରିଣୀ, ଲାଜୁଆ ଚାହାଣୀ କହେ ପ୍ରେମ କାହାଣୀ

**ପ୍ରଶ୍ନ**–ସେହି ସୁନ୍ଦରୀ ଲାଜୁଆ ଆଖିରେ ସତେ ଯେମିତି ପ୍ରେମ କାହାଣୀ ଲୁଚି ରହିଛି। ତାକୁ ପ୍ରେମ ନିବେଦନ କେମିତି କରିବି ଜାଣିପାରୁନାହିଁ। ଉପାୟ ବତାଇ ଦେବେ କି ?

*-ଅନିକେତ ନାୟକ, ଯାଜପୁର*

**ଉତ୍ତର :** ମନମୋହିନୀ ସୁନା ହରିଣୀ, ଲାଜୁଆ ଚାହାଣୀ କହେ ପ୍ରେମ କାହାଣୀ। ଯଦି ସବୁ କିଛି ସେହି ସୁନ୍ଦରୀ ଚାହାଣୀରେ ଭରି ରହିଛି ତେବେ ବେଳକାଳ ଦେଖି ପ୍ରପୋଜ କରିବାକୁ ଡରୁଛନ୍ତି କାହିଁକି ? ତେଣୁ ବିଳମ୍ବ ନ କରି ନିଜ ମନର କଥାକୁ ପ୍ରକାଶ କରନ୍ତୁ। ଯଦି ସେପଟୁ ଠିକ୍ ସିଗନାଲ ମିଳିଗଲା ତେବେ ଆପଣଙ୍କ କାମ ହୋଇଗଲା ବୋଲି ଭାବି ନିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଖାଲି ଚାହିଁ ହସି ଦେଉଛି। ମୁଁ ଭାବୁଛି ଯେ ସେ ମୋତେ ପ୍ରେମ କରୁଛି। ହେଲେ କାଳେ ସିଏ ମନା କରିଦେବ ଡର ଲାଗୁଛି।

*-ତାପସ ଦାସ, ଖୋର୍ଦ୍ଧା*

**ଉତ୍ତର :** ପ୍ରେମର ପ୍ରଥମ ପାହାଚରେ ଯଦି ଏମିତି ଡରିବେ ତେବେ ସେଠାରେ ଆପଣ ସେମିତି ଭାବୁଥିବେ। ବେଳେବେଳେ ଜଣେ ଝିଅର ମନର ପରିଭାଷା ତା' ଆଖିରେ ଉଦ୍‌ଭାସିତ ହୋଇଉଠିଥାଏ। ସେହି ହସକୁ ଆଧାର କରି ଯଦି ଆଗେଇବାକୁ ଚାହୁଁଛନ୍ତି ତେବେ ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ତେଣୁ ଶୁଭସ୍ୟ ଶୀଘ୍ରମ।

**ପ୍ରଶ୍ନ**–ପ୍ରେମ କଲେ ଧୋକା ମିଳେ କାହିଁକି ? ଏକଥା ଭାବିଲା ବେଳକୁ ପ୍ରେମ କରିବାକୁ ମନ ହେଉନାହିଁ।

*-ପ୍ରକାଶ କୁମାର, ବାରିପଦା*

**ଉତ୍ତର :** ପ୍ରେମରେ ଧୋକା ମିଳେ-ଏହା କେତେକ କ୍ଷେତ୍ରରେ ଠିକ୍। ହେଲେ ସେଭଳି ପରିସ୍ଥିତି କାହିଁକି ହୁଏ ତାହା ପ୍ରଥମେ ଭାବନ୍ତୁ ନା ! ପ୍ରେମର ଗଣିତ କଷିବା ସମୟରେ ଯଦି ଫର୍ମୁଲାରେ କିଛି ଭୁଲ ଭଟକା ଥାଏ ତେବେ ସେହି ପ୍ରେମର ଆଦୌ ଦମ୍ ନ ଥାଏ। ଶେଷରେ ଧୋକା, ପ୍ରତାରଣାରେ ଏହାର ପରିସମାପ୍ତି ଘଟିଥାଏ। ଆମେ ଯଦି କିଛି ଭାବିବା ତେବେ ଅନେକ କଥା ମନକୁ ଆସିବ। ହେଲେ ସେଭଳି ଭାବନା ପଛରେ ଯଥାର୍ଥତା ରହିବା ଦରକାର। ଆଉ ଏକ କଥା। ପ୍ରେମ ରାସ୍ତାରେ ଯାତ୍ରୀ ହେବା ପୂର୍ବରୁ ଅନେକ କଥା ମନକୁ ଆସେ। ତେବେ ମନକୁ ଦୃଢ଼ କରି ଆଗାନ୍ତୁ। ପୁଣି ରାସ୍ତାରେ ସାମନା କରୁଥିବା ଉତ୍ଥାନ ପତନକୁ ଥଣ୍ଡା ମିଜାଜରେ ମୁକାବିଲା କରନ୍ତୁ। ଯଦି ପଛକୁ ଚାହିଁଲେ ତେବେ ଆପଣଙ୍କ ପ୍ରେମ କେବଳ ଆଶା ହୋଇ ରହିଯିବ।

**ପ୍ରଶ୍ନ**–ଜଣେ ଝିଅ ମୋତେ ମନ ପ୍ରାଣ ଦେଇ ଭଲ ପାଉଥିଲା। କିନ୍ତୁ ଅଧା ବାଟରେ ମୋ ହାତ ଛାଡି ଆଉ କାହାକୁ ପ୍ରେମ କରି ବସିଲା। ଏବେ ସେ ପୁଣି ମୋତେ ପ୍ରେମ ନିବେଦନ କରୁଛି। କ'ଣ କରିବି ?

*-ଅରୁଣ ଦାସ, ସୋନପୁର*

**ଉତ୍ତର :** ଏ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ନିର୍ଭର କରେ। ଯଦି ପୂର୍ବ କଥାକୁ ଇତିହାସ ଭାବି ସେହି ପ୍ରେମିକାକୁ କ୍ଷମା କରି ଦିଅନ୍ତି ଆଉ ତାକୁ ପୁଣି ପ୍ରେମିକା ଭାବେ ଗ୍ରହଣ କରିନିଅନ୍ତି ତେବେ ହୁଏତ ଦୁହିଁଙ୍କ ଭିତରେ ପୁଣି ଥରେ ପ୍ରେମ ଇନିଂସ ଆରମ୍ଭ ହୋଇପାରେ। ଏପରି ପରିସ୍ଥିତିରେ ପର ବୁଦ୍ଧିରେ କଦାପି ଘୋଡା ଚଢ଼ନ୍ତୁ ନାହିଁ।

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଥରେ ଭଲ ପାଉଛନ୍ତି। କାହାକୁ ପ୍ରେମିକା ଭାବରେ ରଖିବି କାହାକୁ ଗୁଡ ବାୟ କହିବି ଜାଣିପାରୁନାହିଁ।

*-ଦୀପେନ, ରେଢ଼ାଖୋଲ*

**ଉତ୍ତର :** ଆପଣ ଏପରି ପରସ୍ଥିତିରେ ପଡିଛନ୍ତି ଯେ, ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ବାସ୍, ଟିକେ ମଗଜ ଖଟାଇ ନିଷ୍ପତ୍ତି ନିଅନ୍ତୁ। ଗୋଟିଏ କଥା ମନେ ରଖନ୍ତୁ, ପ୍ରେମ କରିବା ବେଳେ କଦାପି ଦୁଇ ନାଆରେ ଗୋଡ ରଖନ୍ତୁ ନାହିଁ।



# ହରିରାଜପୁର ମେଳଣ

## ଆତସବାଜିର ନିଆରା ଉତ୍ସବ

ଓଡ଼ିଶାର ପ୍ରସିଦ୍ଧ ହରିରାଜପୁର ମେଳଣ ୩୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇଆସୁଛି । ୮୦ ଏକର ଜମି ଉପରେ ଅନୁଷ୍ଠିତ ଏହି ମେଳଣର ସବୁଠୁ ବଡ଼ ଆକର୍ଷଣ ୮୦ ହରିହର ବିଗ୍ରହଙ୍କ ମିଳନ ସହ ମାନସିକ କରି ଆତସବାଜିର ପ୍ରଦର୍ଶନ ।

ଜଟଣୀ-ପିପିଲି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୧ କିଲୋମିଟର ଦୂରରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ଓ ମେଳଣ ପଡ଼ିଆ ଅବସ୍ଥିତ । ଏଠାରେ ହରିହର ଏକତ୍ର ପୂଜା ପାଉଥିବାରୁ ହରିହର ମନ୍ତ୍ରରେ ତୁଳସୀପତ୍ରରେ ନୈବେଦ୍ୟ କରାଯାଏ । ଠାକୁରଙ୍କ ମୁଖ୍ୟ ଉତ୍ସବ ପଞ୍ଚୁଦୋଳ ମେଳଣ, ଯାହା ଦୋଳପୂର୍ଣ୍ଣିମାର ପଞ୍ଚମ ଦିବସର ମଧ୍ୟରାତ୍ରିରେ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ ।

**କିମ୍ବଦନ୍ତୀ କହେ :** କିମ୍ବଦନ୍ତୀ ଅନୁଯାୟୀ ଗଜପତି ମହାରାଜା ନରସିଂହ ଦେବଙ୍କ ରାଜତ୍ୱର ପ୍ରଥମ ବର୍ଷ ସୁଖଶାନ୍ତିରେ ଅତିବାହିତ ହୋଇଥିବାରୁ ୧୬୩୬ ମସିହା ଚୈତ୍ରମାସ ଶୁକ୍ଳପକ୍ଷରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବସନ୍ତରାସ ଅନୁଷ୍ଠିତ ହୋଇଥିଲା । ଏହା ଦେଖି ହରିରାଜପୁର ଗ୍ରାମର ଗୋବର୍ଦ୍ଧନ ଦାସ ଓ ନିତେଇ ସାହୁ ଗାଁକୁ ଫେରିବା ବାଟରେ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଏକ ପଞ୍ଚୁଦୋଳ ମେଳଣ କରିବାକୁ ମନସ୍ଥ







କରିଥିଲେ । ଯାହାକି ଏହାର ଗୋଟିଏ ବର୍ଷ ପରେ ୧୬୩୭ ମସିହା ଚଇତ୍ର କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ସନ୍ନିକଟ ପଡ଼ିଆରେ ଏହି ମେଳଣ ଆୟୋଜନ ହୋଇଥିଲା । ଏଥିପାଇଁ ଗ୍ରାମବାସୀଙ୍କ ଠାରୁ ମୁଠିଚାଉଳ ସଂଗ୍ରହ କରାଯାଇ ଏଥିରୁ ବିକ୍ରିଲବ୍ଧ ଅର୍ଥରେ ସେତେବେଳେ ନିକଟସ୍ଥ ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀବାଲୁଙ୍କେଶ୍ୱର, ଶ୍ରୀଗତିଶ୍ୱର ଓ ସୋମନାଥ ଦେବଙ୍କୁ ନିମନ୍ତ୍ରଣ କରି ପ୍ରଥମେ ଏହି ଯାତ୍ରା ଆରମ୍ଭ କରାଯାଇଥିଲା ।

ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମହିମାରୁ ଅନେକ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ପ୍ରବାଦ ରହିଛି । ଏଣୁ ଅନେକ ଭକ୍ତ ମେଳଣ ଉପବାସ କରି ମାନସିକ ପୂରଣ ପାଇଁ ବିଭିନ୍ନ ନୀତିନିୟମ ପାଳନ କରିଥାନ୍ତି । କେତେକ ଭକ୍ତ ଗୁହାରିଆ ମଧ୍ୟ ପଡ଼ିଥାନ୍ତି । ସ୍ଥାନୀୟ ଲୋକଙ୍କ ସହ ବାହାରୁ ଆସୁଥିବା ଲୋକେ ବର୍ଷେ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି ହରିରାଜପୁର ମେଳଣରୁ ବିବାହ ବ୍ରତାଦିରେ ବ୍ୟବହୃତ ଜିନିଷ କିଣିବା ପାଇଁ । ୮୦ ଏକର ଜମି ଉପରେ ଅନୁଷ୍ଠିତ ଏହି ମେଳଣର ଜମାଣ ରାତ୍ର, ଠାକୁର ମେଳଣ ଉତ୍ସବରେ ୫ ଲକ୍ଷରୁ ଅଧିକ ଜନସମାଗମ ହୋଇଥାଏ ।

**ବିରାଟ ପଟୁଆରରେ ଯାଆନ୍ତି ଥାନପତି :** ଭଣ୍ଡାରଘରୁ କୋଠଭୋଗ ଆସିବା ପରେ ସ୍ଥାନାଧିପତି ବା ଥାନପତି ପଶ୍ଚିମାଶମ୍ଭୁ ସୋମନାଥଦେବ ଜମାଣ ରାତିରେ ମନ୍ଦିରରୁ ବାହାରିଥାନ୍ତି । ବାହାରିବା ପରେ ବାଟ ଅଗଣାରେ ରହିଥାନ୍ତି । ସେଠାରେ କୋଠଭୋଗ ଲାଗି କରାଯାଇଥାଏ । ତାଙ୍କର ପ୍ରିୟ ଭୋଗ ହେଲା ଚୁଡ଼ାଘସା । ପରେ ଠାକୁର ଦୋଳବିମାନକୁ ବିଜେ କରିବା ସହ ପଶ୍ଚିମଦ୍ୱାର ଦେଇ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ବିଜେ ଯାତ୍ରା କରିଥାନ୍ତି । ପଟୁଆରରେ ବାହାରିବା ସମୟରେ ବାଟରେ ଥିବା ଶ୍ରୀଗୋପାଳଜୀ(ମଠ ଠାକୁର) ଓ ବାଳମୁକୁନ୍ଦଦେବ ପାଲିଙ୍କିରେ ସ୍ଥାନାଧିପତିଙ୍କ ସହିତ ଏହି ପଟୁଆରରେ ଯାଇଥାନ୍ତି ବୋଲି ମନ୍ଦିରର ପୂଜକ ଲକ୍ଷ୍ମୀଧର ମହାପାତ୍ର କହିଛନ୍ତି । ଏହି ଅବସରରେ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗ କଳରଙ୍ଗ, ବାଦ୍ୟ, ରୋଶଣି, ଘଣ୍ଟଘଣ୍ଟା, ତୂରୀ, ଶଙ୍ଖନାଦ, ନାଗାନାଚ, ପଟା ଖେଳ, ସଖୀ ଓ ରାଜାରାଣୀ ନାଚରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଥାଏ । ମେଳଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ୮୦ଟି ହରିହର ବିଗ୍ରହ ଦୋଳବିମାନରେ ଉପବିଷ୍ଟ ହୋଇଥାନ୍ତି । ୪ଦିନ ରହଣି ହୁଏ । ଜମାଣ ରାତ୍ରରେ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ ହୋଇଥାଏ । ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଖ୍ୟାତ ବାଣକାରମାନଙ୍କ ବ୍ୟତୀତ ମାନସିକ ପୂରଣ ହୋଇଥିବା ବହୁ ଭକ୍ତ ଏଠାରେ ରାତି ତମାମ ବାଣ ଫୁଟାଇଥାନ୍ତି, ଯାହା ଅତ୍ୟନ୍ତ ବିରଳ ।

**ନୀଳପୋଖରୀ:** ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ପରିସରରେ ରହିଛି ଏକ ପୋଖରୀ । ଏହାର ପାଣି ନୀଳ ଦେଖାଯାଇଥାଏ । ଏଣୁ ଏହାକୁ ନୀଳପୋଖରୀ କୁହାଯାଇଥାଏ । ଏହି ପୋଖରୀ ପାଣିରେ ସ୍ନାନକରି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ରହିଥିବା ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କଲେ ଅନେକ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ପ୍ରବାଦ ରହିଛି ।

**ପଞ୍ଚମୀ ମେଳଣ:** ଥାନାପତିଙ୍କ ପଞ୍ଚୁଦୋଳ ମେଳଣ ଆରମ୍ଭ ପୂର୍ବରୁ ପରମ୍ପରା ଅନୁଯାୟୀ ମେଳଣ ପଡ଼ିଆରେ ଗୋଟେଦିନ ପାଇଁ ପଞ୍ଚମୀ ମେଳଣ ଅନୁଷ୍ଠିତ ହୋଇଥାଏ । ମାଘମାସର ଶ୍ରୀପଞ୍ଚମୀ ପରଦିନ ସୋମନାଥ ଦେବଙ୍କ ଚଳନ୍ତି ପ୍ରତିମା ଗୋଟିଏ ଦିନ ପାଇଁ ମେଳଣ ପଡ଼ିଆକୁ ଆସିଥାନ୍ତି । ଭୋରରୁ ଯାଇ ଏଠାରେ ପୂଜାବିଧି ସମ୍ପନ୍ନ ହେଲା ପରେ ରାତିରେ ମନ୍ଦିରକୁ ଫେରିଥାନ୍ତି ।

*-ଶ୍ରୀକାନ୍ତ ପରିଜା*









ରଶ୍ମି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ– କୁମାର ଶରତ, ଧରିତ୍ରୀ**

# ହାଃ ହାଃ

## ବାର୍ଥ ଡେ’


ସ୍ତ୍ରୀ– ହେଇଟି ଶୁଣୁଚ, ତମ ଜନ୍ମଦିନ ପାଇଁ ଗୋଟେ ବଢିଆ ଡ୍ରେସ୍ ଆଣିଛି ।
ସ୍ୱାମୀ– ସତରେ ! ଦେଖେଇଲ ଟିକେ । ଏଥର ଲାଗୁଛି ମୋ ବାର୍ଥ ଡେ’ ସ୍ପେଶାଲ ହେଇଯିବ ।
ସ୍ତ୍ରୀ– ଟିକେ ରୁହ, ମୁଁ ପିନ୍ଧିକି ଆସେ ।

## ଦୁଃଖ

ଗର୍ଲଫ୍ରେଣ୍ଡ– ବାହାଘର ପରେ ମୁଁ ତୁମର ସବୁ ଦୁଃଖ ବାଣ୍ଟିକି ନେଇଯିବି ।
ବୟଫ୍ରେଣ୍ଡ–ହେଲେ ମୋର ତ କିଛି ବି ଦୁଃଖ ନାହିଁ ।
ଗର୍ଲଫ୍ରେଣ୍ଡ– ଆରେ ମୁଁ ବାହାଘର ପର କଥା କହୁଛି ।

## ରିକ୍ସାବାଲା

ଟିନା–ମୋ ବାପା କହିଛନ୍ତି ଏଥର ଯଦି ମୁଁ କମ୍ ମାର୍କ ରଖିବି ତା’ହେଲେ ମତେ ଗୋଟେ ରିକ୍ସାବାଲା ସହିତ ବାହା କରେଇ ଦେବେ ।
ମୁନା–ଆରେ ୱାଃ... ।
ଟିନା– ଖୁସି ହଉଛୁ ?
ମୁନା– ମୋ ବାପା ପରା କହିଛନ୍ତି ମୁଁ ପାସ୍ ନ ହେଲେ ମୋ ପାଇଁ ରିକ୍ସା କିଣି ଦେବେ । ଆଉ ମୁଁ ସେଇ ରିକ୍ସାବାଲା ହେଇଯିବି ।



# ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ

ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଦେଶରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରୁ ଅନ୍ୟତମ। ଏହା ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ଥିବା ରୁଦ୍ରସାଗର ନାମକ ଏକ ଲୋକପ୍ରିୟ ହ୍ରଦ ନିକଟରେ ଅବସ୍ଥିତ। କୁହାଯାଏ, ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ସ୍ୱୟମ୍ଭୁ। ତାଙ୍କର ଦର୍ଶନ ମାତ୍ରେ ହିଁ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ଖାସ୍ ସେଇଥିପାଇଁ ପ୍ରତ୍ୟହ ଏଠାରେ ଭକ୍ତଗଣଙ୍କର ଭିଡ଼ ଜମିଥାଏ।

### ମନ୍ଦିର ସମ୍ପର୍କରେ

ମହାକାଳେଶ୍ୱର ମନ୍ଦିରର ଶିଖରକୁ ଏପରି ଭାବେ ତିଆରି କରାଯାଇଛି ଯେ, ତଳୁ ଥାଇ ଦେଖିଲେ ଏହା ଆକାଶକୁ ଛୁଇଁଲା ଭଳି ଦେଖାଯାଏ। ତେଣୁ ଏଥିରୁ ଅନୁମାନ କରିହୁଏ, ମନ୍ଦିରର କାରୁକଳା କେତେ ମନଲୋଭା ଓ ଆକର୍ଷଣୀୟ। ଏହି ମନ୍ଦିରରେ କେବଳ ମହାଦେବ ପୂଜା ପାଆନ୍ତି ତାହା ନୁହେଁ, ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, କାର୍ତ୍ତିକ ଓ ପାର୍ବତୀଙ୍କୁ ବି ପୂଜାର୍ଚ୍ଚନା କରାଯାଇଥାଏ। ମହାଦେବଙ୍କର ବାହନ କୁହାଯାଉଥିବା ନନ୍ଦୀଙ୍କର ପ୍ରତିମା ବି ଏଠାକାର ଅନ୍ୟତମ ଆକର୍ଷଣ। ତା'ଛଡ଼ା ଏହି ମନ୍ଦିରଟିର ନିର୍ମାଣ ତିନି ସ୍ତରରେ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଭୂତଳ ଗୃହ ଭାବେ ମାଟି ତଳେ ଅଛି। ମନ୍ଦିରର ଉପରି ଭାଗରେ ନାଗଚନ୍ଦ୍ରେଶ୍ୱର ପୂଜା ପାଉଛନ୍ତି। କୁହାଯାଏ, ବର୍ଷକ ଭିତରେ କେବଳ ନାଗପଞ୍ଚମୀ ଦିନ ହିଁ ଭକ୍ତଗଣ ଏହି ଠାକୁରଙ୍କର ଦର୍ଶନ କରିଥାନ୍ତି। ମଝି ଭାଗରେ ଓଁକାରେଶ୍ୱର ମହାଦେବ ଏବଂ ସବା ତଳ ଭାଗରେ ମହାକାଳେଶ୍ୱରଙ୍କର ମୁଖ୍ୟ ଜ୍ୟୋତିର୍ଲିଙ୍ଗ ପୂଜା ପାଇଥାନ୍ତି। ଅନ୍ୟପକ୍ଷେ ଏହି ମନ୍ଦିରର ସୀମା ଭିତରେ ସ୍ୱପ୍ନେଶ୍ୱର ନାମରେ ଆଉ ଏକ ମହାଦେବଙ୍କୁ ଦର୍ଶନ କରିବାର ସୌଭାଗ୍ୟ ବି ଶ୍ରଦ୍ଧାଳୁ ଲଭି ପାରିବେ। ଅନେକ ସମୟରେ ଦେଖାଯାଏ ଭକ୍ତଗଣ ଏହି ସ୍ୱପ୍ନେଶ୍ୱର ମହାଦେବଙ୍କ ପାଖରେ ସେମାନଙ୍କ ସ୍ୱପ୍ନ ପୂରଣ ହେବା ପାଇଁ ମାନସିକ କରିଥାନ୍ତି।

### ମହାକାଳେଶ୍ୱରଙ୍କ ମହିମା


ମହାକାଳେଶ୍ୱରଙ୍କ ଆବିର୍ଭାବକୁ ନେଇ ଅନେକ ଲୋକକଥା ରହିଛି। ଯେମିତିକି କେହି କେହି କୁହନ୍ତି, ଥରେ ଏକ ଅସୁର ଧରାପୃଷ୍ଠରେ ଖୁବ୍ ଅତ୍ୟାଚାର କରୁଥିଲା। ଫଳରେ ଭକ୍ତଗଣ ଅତିଷ୍ଠ ହୋଇ ପ୍ରଭୁ ଶିବଙ୍କୁ ଆରାଧନା କଲେ। ଭକ୍ତଗଣଙ୍କୁ ଏ ବିପଦରୁ ରକ୍ଷା କରିବା ପାଇଁ ଶେଷରେ ମହାଦେବ ମହାକାଳ ରୂପରେ ଆବିର୍ଭାବ ହୋଇ ସେହି ଅସୁରର ବିନାଶ କଲେ ଏବଂ ଏହି ସ୍ଥାନରେ ଜ୍ୟୋତିର୍ଲିଙ୍ଗ ଭାବେ ଚିରଦିନ ପାଇଁ ରହିଗଲେ। ସେବେଠାରୁ ଭକ୍ତଗଣ ତାଙ୍କୁ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ଭାବେ ପୂଜା କରିଆସୁଛନ୍ତି। ତା'ଛଡ଼ା ମହାକାଳେଶ୍ୱରଙ୍କ ନିକଟରେ ହେଉଥିବା ଆଳତିର ମଧ୍ୟ ଖୁବ୍ ମହିମା ରହିଛି। କୁହାଯାଏ, ଆଳତି ସମୟରେ ଯେଉଁ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ରହି ନିଷ୍ଠାର ସହ ପ୍ରଭୁଙ୍କୁ ସ୍ମରଣ କରିଥାନ୍ତି, ତାଙ୍କର ସମସ୍ତ କଷ୍ଟ ଦୂର ହୋଇ ମନସ୍କାମନା ପୂରଣ ହୋଇଥାଏ।

### କେବେ ଯିବେ

ବର୍ଷର ଯେକୌଣସି ସମୟରେ ଏଠାକୁ ଯାଇହେବ। ଖାସ୍ କରି ମହାଶିବରାତ୍ରି ଏବଂ ଶ୍ରାବଣ ମାସରେ ଏଠାରେ ଭକ୍ତଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ। ତା'ଛଡ଼ା ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଏହି ମନ୍ଦିର ପ୍ରତ୍ୟହ ଭୋର୍ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିଥାଏ।

### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ଇନ୍ଦୋର ଏହାର ନିକଟତମ ବିମାନବନ୍ଦର, ଯାହା ଉକ୍ତ ମନ୍ଦିରଠାରୁ ପ୍ରାୟ ୫୧ କି.ମି. ଦୂରରେ ଅବସ୍ଥିତ। ବିମାନବନ୍ଦରରୁ ମନ୍ଦିର ନିକଟକୁ ଯିବା ପାଇଁ ଲୋକାଲ୍ ବସ୍ ଓ ଟ୍ୟାକ୍ସିର ସୁବିଧା ରହିଛି। ସେହିପରି ଉଜ୍ଜୟିନୀ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏହାର ଏକ ନିକଟତମ ରେଳ ଷ୍ଟେଶନ। ତା'ଛଡ଼ା ଦେଶର ବହୁ ପ୍ରମୁଖ ସହରରୁ ଏଠାକୁ ଯିବା ପାଇଁ ଟୁରିଷ୍ଟ ବସ୍‌ର ବି ସୁବିଧା ଅଛି।










# ଶାଶୁ ବୋହୂ ମନ୍ଦିର

ବିବିଧ ଧର୍ମର ଦେଶ ଭାରତ। ତେଣୁ ଏଠି ରହିଛି ଅନେକ ମନ୍ଦିର। ପୁଣି ଅନେକ ଅଜବ ମନ୍ଦିର ବି ଦେଖିବାକୁ ମିଳେ ଏଇଠି। କେଉଁଠି କୁକୁରଙ୍କୁ ପୂଜା କରାଯାଏ ତ କେଉଁଠି ରାଜନେତା ଓ ଅଭିନେତା, ଅଭିନେତ୍ରୀ। କିଛି କିଛି ସ୍ଥାନରେ ତ ବାଇକ୍‌କୁ ବି ପୂଜା କରାଯାଏ। ସେମିତି ଏକ ଅଜବ ମନ୍ଦିର ହେଉଛି ରାଜସ୍ଥାନର ଉଦୟପୁରରେ ଥିବା ଶାଶୁ ବୋହୂ ମନ୍ଦିର। ଏହାର ନିର୍ମାଣ ପଛରେ ରହିଛି କିଛି ରୋଚକ କଥା। ୧୧୦୦ ବର୍ଷ ପୂର୍ବେ ରାଜା ମହିପାଲ ଓ ରତ୍ନପାଲ ଏହି ମନ୍ଦିରକୁ ନିର୍ମାଣ କରାଇଥିଲେ। କୁହାଯାଏ ଯେ, ମେୱାଡ ରାଜପରିବାରର ରାଜମାତା ଭଗବାନ ବିଷ୍ଣୁଙ୍କର ଓ ତାଙ୍କ ବୋହୂ ଶେଷନାଗଙ୍କ ମନ୍ଦିର ଏହିଠାରେ କରିଥିଲେ। ଏହି କାରଣ ଯୋଗୁଁ ଏହି ମନ୍ଦିରକୁ ଶାଶୁ ବୋହୂ ମନ୍ଦିର କୁହାଯାଏ। ମନ୍ଦିରର ପ୍ରବେଶ ଦ୍ୱାରରେ ମହାଭାରତର ସମ୍ପୂର୍ଣ୍ଣ ଗାଥା ଖୋଦିତ ହୋଇଛି। ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ପ୍ରତିମା ୩୨ ମିଟର ଉଚ୍ଚା ଓ ୨୨ ମିଟର ଓସାରର ଅଟେ। ତା'ସହ ଭଗବାନ ବିଷ୍ଣୁଙ୍କର ରହିଛି ଏକଶହ ହାତ। ତେଣୁ ଏହା ସହସ୍ର ବାହୁ ମନ୍ଦିରଭାବେ ବି ପରିଚିତ। ଏଠାରେ ବ୍ରହ୍ମାଙ୍କର ଏକ ଛୋଟିଆ ମନ୍ଦିର ଅଛି। ଉଦୟପୁରର ଏହା ହେଉଛି ଏକ ପ୍ରସିଦ୍ଧ ଐତିହାସିକ ପର୍ଯ୍ୟଟନସ୍ଥଳ। ପୂର୍ବେ ଏହି ମନ୍ଦିର ଆଖପାଖରେ ହିଁ ମେୱାଡ ରାଜବଂଶର ସ୍ଥାପନ ହୋଇଥିଲା। କୁହାଯାଉଛି ମୋଗଲମାନେ ଯେବେ ଦୁର୍ଗକୁ କବ୍‌ଜା କରିନେଲେ ସେମାନେ ଏହି ମନ୍ଦିରରେ ବାଲି ଭର୍ତ୍ତି କରି ବନ୍ଦ କରିଦେଇଥିଲେ। ଆଉ ଯେବେ ଇଂରେଜମାନେ ଏହାକୁ କବ୍‌ଜାକୁ ନେଲେ ସେମାନେ ପୁଣିଥରେ ମନ୍ଦିରକୁ ଖୋଲିଲେ।

## କାର୍ଟୁନ କର୍ନର



## ଭାଇଚାରାର ନିଆରା ପରମ୍ପରା

# ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ

ଦୋଳ ମେଳଣ ଇତିହାସରେ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ତା'ର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଏହି ମେଳଣରେ ଭାଇଚାରାର ସମ୍ପର୍କ ଦେଖିବାକୁ ମିଳିଥାଏ । ପୌରାଣିକ କଥାବସ୍ତୁ ଅନୁସାରେ ପାଣ୍ଡବ ପାଞ୍ଚଭାଇ ଯେପରି ଗୋଟିଏ ସୂତ୍ରରେ ବାନ୍ଧିହୋଇ ରହିଥିଲେ, ସେହିପରି ଉକ୍ତ ମେଳଣଟି ଏ ଅଞ୍ଚଳବାସୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖିଛି । ଏହି ମେଳଣର ମୁଖ୍ୟ ଆକର୍ଷଣ ହେଲା ୧୦୮ ଦୋଳ ସହିତ ପଞ୍ଚୁପାଣ୍ଡବ ଏବଂ ଭଗବାନ ବିଷ୍ଣୁଙ୍କ ମିଳନର ଦୃଶ୍ୟ । ପୌରାଣିକ ମତବାଦ ଅନୁଯାୟୀ ପଞ୍ଚୁପାଣ୍ଡବଙ୍କ ସହିତ ଭଗବାନ ନାରାୟଣଙ୍କୁ ଏକ ସଙ୍ଗେ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ ହୁଏ । ଏହି ପ୍ରବାଦକୁ ନେଇ ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୀଠ ବ୍ରହ୍ମଗିରିରେ କେଉଁ ଅନାଦି କାଳରୁ ଏହି ପଞ୍ଚୁପାଣ୍ଡବ ମେଳଣର ସୃଷ୍ଟି। ପୌରାଣିକ କିମ୍ବଦନ୍ତୀରୁ ଜଣାଯାଏ । ଯେତେବେଳେ ପାଣ୍ଡବ ପାଞ୍ଚଭାଇ ଅଜ୍ଞାନ୍ତ ବନବାସ କରିଥିଲେ ସେହି ସମୟରେ ଏମାନେ ୫ଗୋଟି ଶିବଲିଙ୍ଗ ସ୍ଥାପନ କରି ପୂଜା କରିଥିଲେ ଏବଂ ସେମାନଙ୍କ ନାମ ଅନୁସାରେ ଏହି ଶିବଲିଙ୍ଗଙ୍କ ନାମକରଣ କରିଥିଲେ । ଏହାକୁ ବିଶ୍ୱାସ କରି ଏ ଅଞ୍ଚଳବାସୀ ଯୁଧିଷ୍ଠିରଦେବ ବିଜେ ସୁନାମୁହିଁ, ଭୀମେଶ୍ୱରଦେବ ବିଜେ ଚାପମାଣିକ, ଅର୍ଜ୍ଜୁନେଶ୍ୱରଦେବ ବିଜେ କାଳିକାବାଡି, ନାଗେଶ୍ୱର ଦେବ ବିଜେ ନାଗେଶ୍ୱର ଓ ବାଲିସହଦେବ ବିଜେ ସହଦେବପୁରରେ ଉକ୍ତ ଶୈବପୀଠକୁ ପଞ୍ଚୁପାଣ୍ଡବ ଭାବେ ପୂଜାକରି ଆସୁଛନ୍ତି। ଏହି ପଞ୍ଚୁପାଣ୍ଡବଙ୍କ ସହିତ ଶ୍ରୀ ଶ୍ରୀ ଗୋପୀନାଥ ଦେବ ମିଳନରେ ଏହି ମେଳଣ ହୁଏ।








ଏହା ଚୈତ୍ରମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରୁ ସପ୍ତମୀ ତିଥି ପର୍ଯ୍ୟନ୍ତ ହୁଏ । କିମ୍ବଦନ୍ତୀରୁ ଜଣାଯାଏ ୧୮୩୫ ମସିହାରୁ ଏହା ଆରମ୍ଭ । ଜଗତବନ୍ଧୁ ଲୋକନାଥ ବିଦ୍ୟାଧର ମହାପାତ୍ର (ବକ୍ସି ଜଗବନ୍ଧୁ ) ଏହାର ପୃଷ୍ଠପୋଷକ ଥିଲା ବେଳେ ଚିନ୍ତାମଣି ପାତ୍ର, ଫକୀର ପଟ୍ଟନାୟକ, କେଶରୀ କାନୁନ୍‌ଗୋ ଏହାକୁ ଆରମ୍ଭ କରିଥିଲେ । ୬୨ମୌଜାରୁ ୧୦୮ଟି ବିମାନରେ ଠାକୁରମାନେ ବିଭିନ୍ନ ପ୍ରକାର ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ପହଞ୍ଚନ୍ତି। ଠାକୁର ଆସିବା ସମୟରେ ପୁରୀ ପ୍ରସିଦ୍ଧ ନାଗାନୃତ୍ୟ ଏଠାରେ ଦେଖିବାକୁ ମିଳିଥାଏ । ଏହି ନାଗାନୃତ୍ୟ ଏ ଅଞ୍ଚଳର ବୀରତ୍ୱ ପ୍ରତୀକର ଏକ ପ୍ରତିଛବି । ଏହି ନାଗା ଓ ଦେବୀ ମେଢ଼ ଦେଖିବାପାଇଁ ଲକ୍ଷାଧିକ ଜନସମାଗମ ହୋଇଥାଏ । ତିନିଦିନ ଧରି ସ୍ଥାନୀୟ ଅଞ୍ଚଳବାସୀ, ପ୍ରଶାସନର ସହଯୋଗରେ ଶାନ୍ତିପୂର୍ଣ୍ଣ ସହ ଏହି ମେଳଣଟି ସମାପନ ହୋଇଥାଏ । ସମାପନ ଦିବସର ଦେବଦୁର୍ଲ୍ଲଭ ମିଳନ ଦୃଶ୍ୟ ଦେଖିବାପାଇଁ ହଜାର ହଜାର ଶ୍ରଦ୍ଧାଳୁ ସାରା ରାତି ଉଜାଗର ରହି ଉତ୍କଣ୍ଠାର ସହିତ ଚାହିଁ ରହିଥାନ୍ତି । ଦେବ ସଭାରେ ଦେବୀଙ୍କୁ ଆବାହନ ଏହି ମେଳଣର ଏକ ନିଆରା ପରମ୍ପରା । ୧୦୮ଦୋଳର ଦେବସଭା ମଧ୍ୟରେ ଜଣେ ଦେବୀଙ୍କୁ ଆରାଧନା କରାଯାଇଥାଏ । ସାଧାରଣତଃ ରାଜ୍ୟରେ ଅନୁଷ୍ଠିତ ଅନ୍ୟାନ୍ୟ ମେଳଣରେ ଶିବ କିମ୍ବା ବିଷ୍ଣୁଙ୍କ ମିଳନରେ ମେଳଣ ଅନୁଷ୍ଠିତ ହୋଇଥାଏ । କିନ୍ତୁ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣରେ ୬୨ମୌଜାରୁ ୧୦୮ ଠାକୁରଙ୍କୁ ନିମନ୍ତ୍ରଣ କରାଯିବା ସହିତ ଏକ ଦେବୀ ଅର୍ଥାତ ଗଡ କୋକଲର ମା' ଭଗବତୀଙ୍କୁ ସ୍ୱତନ୍ତ୍ର ଭାବେ ଏହି ଦେବସଭାକୁ ନିମନ୍ତ୍ରଣ କରାଯାଇଥାଏ। ଏହାର ସ୍ୱତନ୍ତ୍ରତା ସମ୍ପର୍କରେ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ଏହି ମେଳଣର ସୃଷ୍ଟି ହୋଇଅଛି। ଏହା ଏକ ବହୁ ପ୍ରାଚୀନ ମେଳଣ । କପିଳେନ୍ଦ୍ର ଦେବ ଏବଂ ଜଗନ୍ନାଥ ସଂସ୍କୃତି ସହିତ ଜଡିତ ଥିବା ପ୍ରତ୍ୟେକ ଠାକୁରଙ୍କୁ ଏହି ମେଳଣକୁ ନିମନ୍ତ୍ରଣ କରାଯାଇଥାଏ। ଗଡକୋକଲ ଗ୍ରାମରେ ଅଧିଷ୍ଠିତ ଠାକୁରାଣୀ ମା' ଭଗବତୀଙ୍କ ନିକଟରେ ଜଗନ୍ନାଥଙ୍କୁ ଦୁଇଥର ଗୋପନ ରଖାଯାଇଥିଲା। ଏନେଇ ଜଗନ୍ନାଥ ମନ୍ଦିର ସହିତ ମା' ଭଗବତୀଙ୍କ ସମ୍ପର୍କ ଥିବା କାରଣରୁ ଏହି ଦେବସଭାକୁ ମା'ଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥାଏ।



**ନାଗା ନାଚରେ ଦୁଲୁକେ ଗାଁ ଦାଣ୍ଡ**–ଏହି ମେଳଣ ନାଗା ନୃତ୍ୟ ପାଇଁ ପ୍ରସିଦ୍ଧ। ମାସେ ଆଗରୁ ଚାଲେ ଏହାର ପ୍ରସ୍ତୁତି । ୧୦୮ ବିମାନରେ ଠାକୁରମାନଙ୍କ ମେଳଣ ସାଙ୍ଗକୁ ବ୍ରହ୍ମଗିରିର ସାହିଯାତ ନାଗାମେଢ଼ରେ ନୃତ୍ୟ ମନୋରଞ୍ଜନର ଖୋରାକ ଦେବା ସହ ଓଡ଼ିଆ ପାଇକ ପୁଅର ବୀରତ୍ୱର ଗାଥା ଗାଇଥାଏ। କେବେଠାରୁ ଏହି ନାଗାନୃତ୍ୟ ମେଳଣ ସହ ଜଡିତ ହୋଇରହିଛି ତାହା କହି ନ ପାରିଲେ ମଧ୍ୟ ଏହି ନୃତ୍ୟ ଏ ଅଞ୍ଚଳରେ ଲୋକନୃତ୍ୟରେ ପରିଣତ ହୋଇଛି।

–ସ୍ୱାଧୀନ ଚମ୍ପତିରାୟ

# ନାଟ୍ୟକାରେ ମନ

ସେ ଜଣେ ଯୁବ ନାଟ୍ୟକାର, ମାତ୍ର ପେସା ତାଙ୍କର ଲୁଗା ବ୍ୟବସାୟ। ତାଙ୍କ ମତରେ ଗଢ଼ିବା ଭାଙ୍ଗିବା ଯୋଡ଼ିବା ହିଁ ନାଟକ। ଯେଉଁ ସାମାଜିକ ନାଟକର କାହାଣୀଟି କଥାକୁହାପରି ଲାଗେ ସେହି ନାଟକର ସଂଳାପ ଲୋକଙ୍କ ମନଛୁଆଁ ହୋଇଥାଏ। ତେବେ ସମାଜର ସାମ୍ପ୍ରତିକ ଘଟଣାବଳୀକୁ ନେଇ ନାଟକ ରଚନା କରୁଥିବା ଏହି ଯୁବ ନାଟ୍ୟକାର ହେଲେ ପବିତ୍ର କୁମାର ମଲ୍ଲିକ। ଜନ୍ମ ୧୪।୭।୧୯୮୧ ମସିହାରେ। ପିତା ସ୍ୱର୍ଗତ ଶଙ୍କର ମଲ୍ଲିକ। ମା' କେଶୀ ମଲ୍ଲିକ । ଘର ଖୋର୍ଦ୍ଧା ଜିଲାର ବାଲିପାଟଣା ବ୍ଲକ ଅନ୍ତର୍ଗତ ମାର୍ଥାପୁର ଗ୍ରାମପଞ୍ଚାୟତର ସୁମୁଦି ଗାଁରେ। ସେ ବି.କମ୍ ଯାଏଁ ପଢିଛନ୍ତି। ଭୁବନେଶ୍ୱର ମା'କୋଚିଲେଇ ହାଟରେ ତାଙ୍କର ଏକ ଲୁଗାଦୋକାନ ଅଛି। ସେ କୁହନ୍ତି, 'ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ



ପବିତ୍ର କୁମାର ମଲ୍ଲିକ

ମୋର ଅନେକ ଗପ, କବିତା ପ୍ରକାଶିତ ହୋଇସାରିଛି। ମାତ୍ର ନାଟକ ଲେଖିବା ଏକ ଭିନ୍ନ ଅନୁଭୂତି । ଥରେ ନଦୀକୂଳରେ ବସି ସାଙ୍ଗମାନଙ୍କ ସହିତ ମଜାରେ ଡାଏଲଗ କହୁକହୁ ନାଟକ ଲେଖିବା କଥା ମନକୁ ଆସିଥିଲା । ସେବେଠାରୁ ନାଟକ ଲେଖୁଛି। ୧୯୯୮ମସିହାର କଥା ଗାଁରେ ଥିବା ଗୋପବନ୍ଧୁ ଯୁବକ ସଂଘର ସଦସ୍ୟମାନଙ୍କ ପାଇଁ ପ୍ରଥମେ ଏକ ନାଟକ ଲେଖିଥିଲି, ଯାହାର ନାମ ଥିଲା 'ଦେଖିବ ଆସ ଏ ସମାଜ ସାଜିଛି ଶ୍ମଶାନ ବେଶ'। ତା' ପରେ ଆଉ ପଛକୁ ଚାହିଁ ନାହିଁ। ଆଗକୁ ମାଡ଼ି ଚାଲିଛି। ଗାଁରେ ପ୍ରତିବର୍ଷ ଡ୍ରାମା ପାଇଁ ନାଟକ ଲେଖିବାର ସୁଯୋଗ ମୋତେ ଉତ୍ସାହିତ କରିଛି। ଲେଖିଥିବା ସାମାଜିକ ନାଟକ ଗୁଡ଼ିକ ହେଲା– 'ଜାଗର ଜାଳୁଛି ଆଖିର ଲୁହରେ', 'ସବାରି ଭିତରେ କୁଆଁରୀ ଶବ', 'ବରଷାରାଣୀ ଆଖିରେ ପାଣି', 'ଅସଲ କଥା କହିବିନି ' ଇତ୍ୟାଦି। ମାତ୍ର ୨୦୧୩ ମସିହାରେ ପ୍ରଥମେ ମା'ତାରିଣୀ ଗଣନାଟ୍ୟରେ ମୋ ଲିଖିତ ନାଟକ 'ଠକିଦେଲ ବନ୍ଧୁ ଠିକଣା ବେଳେ' ମଞ୍ଚସ୍ଥ ହେଲା । ଏହି ନାଟକର ନିର୍ଦ୍ଦେଶକ ଥିଲେ ମୋର ନାଟ୍ୟଗୁରୁ ଧ୍ରୁବଚରଣ ଖୁଣ୍ଟିଆ । ଏହି ନାଟକଟି ମୋତେ ସଫଳତା ଦେଇଥିଲା। ତା' ପରେ ରୂପଶ୍ରୀ ଗଣନାଟ୍ୟରେ 'ମନ ଚୋରଣୀ', 'ମିଛେଇ ଝିଅ', ଅପେରା ଶୁଭଶଙ୍ଖରେ –'ଦୁଃଖ କାଳରାତି ସୁଖସପନ', ଶ୍ରୀଲକ୍ଷ୍ମୀ ଗଣନାଟ୍ୟରେ 'ସ୍ୱାମୀଙ୍କୁ କହିବି ପାପକାହାଣୀ', ସାବିତ୍ରୀ ଗଣନାଟ୍ୟରେ 'ଶେଷ ସମ୍ପର୍କ', 'ରହି ଯା ରଘୁଆ ଖାଇକି ଯିବୁ' ଆଦି ନାଟକର ସଫଳତା ପରେ ସମସ୍ତେ ଭୂରିଭୂରି ପ୍ରଶଂସା କରିଥିଲେ । ଏଯାଏ ଏକାଧିକ ନାଟକ ଲେଖି ସାରିଲିଣି। ନାଟକ ଲେଖିବା ଏକ ନିଶା ହୋଇଯାଇଛି। ଏମିତିରେ ମୁଁ ଜଣେ ଲୁଗା ବ୍ୟବସାୟୀ କିନ୍ତୁ ବିଭିନ୍ନ ସମୟର ଖବର ଶୁଣି ମନରେ ନାଟକର କାହାଣୀ ଜନ୍ମିଥାଏ। ମାତ୍ର ନାଟକ ଲେଖିଲା ବେଳେ ବାସ୍ତବ ଚରିତ୍ର ମଧ୍ୟକୁ ଚାଲିଯାଏ, ଯେମିତି କି ମୁଁ ନିଜେ ମଞ୍ଚରେ ଠିଆହୋଇ ଅଭିନୟ କରୁଛି। ଯେତେବେଳେ ବଳକା ସମୟ ମିଳେ ନାଟକ ଲେଖିଥାଏ। କିନ୍ତୁ ଯେପର୍ଯ୍ୟନ୍ତ ନାଟକଟିର ରୂପରେଖା ସମ୍ପୂର୍ଣ୍ଣ ହୋଇନାହିଁ ସେ ଯାଏ ମନରେ କିଛି ଗୋଟେ ଅଭାବ ଓ ଅବସୋସ ରହିଗଲାପରି ମନେହୁଏ। କିନ୍ତୁ ନାଟକ ଲେଖା ସରିଗଲେ ମନ ବେଶ୍ ଖୁସି ରହେ। ୨୦୧୯ମସିହା ପାଇଁ 'ସତ କହିଦେଲେ ଅସତୀ ହେବି ' ସାମାଜିକ ନାଟକ ଲେଖିଛି।

–ବନବିହାରୀ ବେହେରା

ଚ୍ୟା
ଲ୍
ପେ
ଜ୍



# ଉଲ୍ କାରିଗରି

ଦିନେ ଏକ ଉଲ୍‌ର କଣ୍ଢେଇ ଦେଖି ସେମିତି କଣ୍ଢେଇ ତିଆରି କରିବାକୁ ଭାବିଥିଲେ । ଆଉ ତିନି ବର୍ଷ ପୂର୍ବେ ଆରମ୍ଭ କରିଥିଲେ ଉଲ୍‌ର କଣ୍ଢେଇ ତିଆରି କରିବା । ଆହା ନାମ୍ନୀ ମହିଳାଜଣକ ଯେବେ ପ୍ରଥମେ ଏହି କଣ୍ଢେଇ ତିଆରି କରିଥିଲେ ପ୍ରଥମେ ସେତେ ଭଲ ହୋଇ ନ ଥିଲା । ହେଲେ ସେ ଚେଷ୍ଟା ଜାରି ରଖିଥିଲେ । ପରେ ପରେ ସେ ଯେତେଟା କଣ୍ଢେଇ କଲେ ସବୁ ହୋଇଥିଲା ଚମତ୍କାର । ତା’ ମଧ୍ୟରେ ବାଦୁଡିର ଏକ କଣ୍ଢେଇ ବେଶି ଲୋକପ୍ରିୟ ହୋଇପାରିଛି । ତାହା ଏତେ ବାସ୍ତବଲାଗେ ଯେ, ସୋସିଆଲ ମିଡିଆରେ ତା’ର ଚାହିଦା ବଢି ଯାଇଛି । ଆଉ ସମସ୍ତେ ସେହି ବାଦୁଡି କଣ୍ଢେଇ ଅର୍ଡର କରୁଛନ୍ତି । ଦିନକୁ ୧୨–୧୪ ଘଣ୍ଟା ସେ ଅର୍ଡର ପାଇଁ କାମ କରୁଛନ୍ତି । ସେ ଅନେକ ଚଢେଇର କଣ୍ଢେଇ ବି କରିଛନ୍ତି, ଯାହା ଏତେ ବାସ୍ତବ ଲାଗେ ଯେ, ବିଶ୍ୱାସ କରିହେବନି ତାହା ଉଲ୍‌ର କଣ୍ଢେଇ ବୋଲି । ଫଳରେ ଏବେ ସେ ଜଣେ ଉଚ୍ଚକୋଟୀର କାରିଗରର ମାନ୍ୟତା ପାଇବା ସହ ବେଶ୍ ଭଲ ରୋଜଗାର ବି କରିପାରୁଛନ୍ତି ।











# ଯେଉଁଠି ଲୋକଙ୍କଠୁ ବେଶି ସାଇକେଲ



ଦିନକୁ ଦିନ ବଢିବାକୁ ଲାଗିଛି ପ୍ରଦୂଷଣ । ବଢୁଛି ସମସ୍ୟା । ଏହି ମନୁଷ୍ୟକୃତ ସମସ୍ୟାର ସମାଧାନ ବି ମଣିଷ ହାତରେ ହିଁ ଅଛି । ଯଦି ସମସ୍ତେ ଯାନବାହନର ବ୍ୟବହାରକୁ ତ୍ୟାଗ କରି ପୁଣିଥରେ ଫେରିଯିବେ ସାଇକେଲକୁ ତେବେ ଅନେକାଂଶରେ ଏହି ସମସ୍ୟାର ସମାଧାନ ହୋଇପାରିବ । ଏହି କଥାକୁ ହୃଦୟଙ୍ଗମ କରିଛନ୍ତି ନେଦରଲାଣ୍ଡବାସୀ । ଆଉ ଗମନାଗମନର ସାଥୀ ଭାବେ ବାଛି ନେଇଛନ୍ତି ସାଇକେଲ୍‌କୁ । ଏମିତି କି ଏଠାକାର ସରକାର ବି ସାଇକେଲ ଚାଳନାକୁ ପ୍ରୋତ୍ସାହନ କରିବା ଲାଗି ଚାଳକଙ୍କୁ ଟଙ୍କା ଦେଉଛନ୍ତି । ଏଠାରେ ଅଧିକାଂଶ ଲୋକ ଅଫିସ୍ ଯିବା ଲାଗି ବାଇକ୍ କିମ୍ବା କାର୍ ବ୍ୟବହାର ନ କରି ବ୍ୟବହାର କରୁଛନ୍ତି ସାଇକେଲ । ଏକ ଅଧ୍ୟୟନ କହୁଛି ଏଠାରେ ସାଇକେଲର ସଂଖ୍ୟା ଲୋକଙ୍କ ସଂଖ୍ୟାଠାରୁ ଅଧିକ । ଏଠାରେ ସାଇକେଲ ଚଳାଇ ଅଫିସ୍ ଯାଉଥିବା ଲୋକଙ୍କୁ ସରକାର ବିନା ଟ୍ୟାକ୍ସରେ କି.ମି. ପିଛି ୧୬ ଟଙ୍କା ପ୍ରଦାନ କରୁଛି । ଆଉ ଏହି ରାଶି ଚାକିରି କରୁଥିବା କମ୍ପାନୀ ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । । ତେବେ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ସାଇକେଲ ଚଳାଇବା ସମୟରେ କୌଣସି ଅର୍ଥ ପ୍ରଦାନ ହୁଏ ନାହିଁ । ଏଠାରେ ସାଇକେଲ ପାର୍କିଂ, ତା’ର ସୁରକ୍ଷା ପାଇଁ ମଧ୍ୟ ଭଲ ବ୍ୟବସ୍ଥା କରାଯାଇଛି । ନେଦରଲାଣ୍ଡ ସରକାର କମ୍ପାନୀଗୁଡିକୁ କଡା ନିର୍ଦ୍ଦେଶ ଦେଇଛନ୍ତି, ଯେମିତି କି ନିୟମର ଠିକ୍‌ଭାବେ ପାଳନ ହେବ । ଏଭଳି ଯୋଜନା ଏବେ ୟୁନାଇଟେଡ କିଙ୍ଗଡମ୍‌ରେ ବି ଚାଲିଛି । ‘ସାଇକେଲ ଟୁ ୱାର୍କ’ ଯୋଜନା ଅନୁଯାୟୀ କର୍ମଚାରୀଙ୍କୁ ସାଇକେଲ ଚଳାଇଲେ ସାଇକେଲ କିଣା ଓ ତା’ର ଇକ୍ୟୁପମେଣ୍ଟ କିଣିବା ପାଇଁ ଡିସ୍କାଉଣ୍ଟ ପ୍ରଦାନ କରାଯାଉଛି । ଜୈବ ଇନ୍ଧନର ବ୍ୟବହାର କମାଇ ସାଇକେଲ ଚଳାଇବାକୁ ପ୍ରୋତ୍ସାହନ କରିବା ଲାଗି ଏହିଭଳି ଟ୍ୟାକ୍ସ ରହିତ ସାଇକେଲ କିଣିବାର ସ୍କିମ୍ ବେଲ୍‌ଜିୟମ୍ ସହିତ ୟୁରୋପ ଦେଶଗୁଡିକରେ ବି ଲାଗୁହେଇଛି । ଭାରତ ସରକାର ବି ଇ–ସାଇକେଲ ବ୍ୟବସ୍ଥା କରିଛନ୍ତି । ଯଦି ସବୁ ସ୍ଥାନରେ କଡାକଡିଭାବେ ଏହି ନିୟମ ଲାଗୁ ହୋଇ ପାରିବ ତେବେ ପ୍ରଦୂଷଣ ଯେ ନିଶ୍ଚିତଭାବେ କମିଯିବ ଏଥିରେ ସନ୍ଦେହ ନାହିଁ ।